ଧରିତ୍ରୀ
DHARITRI
September 11-17, 2022 ₹ 2/-

# ଛୁଟିଦିନ



# ଜୈବିକ କୃଷି, ବଢୁଛି ଆଦର

**ସୁସ୍ଥ, ନୀରୋଗ ଜୀବନ ପାଇଁ ଏବେ ଜୈବିକ ଖାଦ୍ୟର ଗୁରୁତ୍ୱ ବଢ଼ିଛି, ଯେଉଁଥିପାଇଁ ଅନେକ ଚାଷୀ ଏବେ ଆପଣାଉଛନ୍ତି ଜୈବିକ ପ୍ରଣାଳୀରେ ଚାଷ...**

୩
ପ୍ରଚ୍ଛଦ ପ୍ରସଙ୍ଗ



# ଜୈବିକ କୃଷି, ବଢ଼ୁଛି ଆଦର







**ଲୋକଙ୍କ ଭିତରେ ବଢ଼ୁଥିବା ସ୍ୱାସ୍ଥ୍ୟ ସଚେତନତା ଏବେ ସେମାନଙ୍କୁ ଜୈବିକ ଖାଦ୍ୟ ପ୍ରତି ଆକୃଷ୍ଟ କରାଉଛି। ଯେଉଁଥିପାଇଁ ଚାଷୀମାନେ ମଧ୍ୟ ଜୈବିକ ପ୍ରଣାଳୀରେ ଚାଷ କରିବାକୁ ଆଗ୍ରହୀ ହେଲେଣି..**







କମ୍ ଜମିରେ ସ୍ୱଳ୍ପ ପରିମାଣର ବିହନ ବୁଣି ଅଳ୍ପଦିନରେ କିପରି ଅଧିକ ପରିମାଣର ଶସ୍ୟ ଉତ୍ପାଦନ ହୋଇପାରିବ ଏଥିପାଇଁ ଆଧୁନିକ ଚାଷପ୍ରଣାଳୀ ଦ୍ୱାରା କୃଷିକ୍ଷେତ୍ରରେ ଆବଶ୍ୟକ ପରିମାଣର ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ କରାଯାଇଥାଏ। ହେଲେ ସୁସ୍ଥ ଓ ନୀରୋଗ ରହିବା ପାଇଁ ଏବେ ଆସ୍ତେ ଆସ୍ତେ ଲୋକ ଜୈବିକ କୃଷି ଆଡ଼କୁ ମୁହାଁଇଲେଣି। ଯେଉଁଥିପାଇଁ ଲୋପ ପାଇଯାଉଥିବା ବିଭିନ୍ନ ଦେଶୀବିହନକୁ ଏବେ ସଂଗ୍ରହ କରି ଜୈବିକ ପ୍ରଣାଳୀରେ ଚାଷ କରୁଛନ୍ତି ଅନେକ ଚାଷୀ।


**ସଂଗ୍ରହାଳୟରେ ରହିଛି ୭ଶହ ପ୍ରକାରର ଧାନବିହନ:** ଏମିତି ଏକ ସଂଗ୍ରହାଳୟ, ଯେଉଁଠି ଦେଖିବାକୁ ପାଇବେ କୃଷିକ୍ଷେତ୍ରରେ ବ୍ୟବହାର ହେଉଥିବା ବିଭିନ୍ନ ପୁରାତନ ତଥା ବିରଳ ଗ୍ରାମୀଣ କୃଷିଯନ୍ତ୍ରପାତି ଓ ନାନାପ୍ରକାରର ଦେଶୀବିହନ। ଏହାକୁ ପ୍ରତିଷ୍ଠା କରିଛନ୍ତି ଜଣେ ଶିକ୍ଷକ ଏବଂ ଏଥିରେ ସାମିଲ ହୋଇଛନ୍ତି ଏକାଧିକ ଉତ୍ସାହୀ ଯୁବକ। ଏହି ଅନୁଷ୍ଠାନଟି ରହିଛି ଖୋର୍ଦ୍ଧା ଜିଲାର ବାଲିପାଟଣା ବ୍ଲକ ଅନ୍ତର୍ଗତ ନରିଶୋ ଗ୍ରାମପଞ୍ଚାୟତରେ। ଏହି ସଂଗ୍ରହାଳୟର ପ୍ରତିଷ୍ଠାତା ହେଲେ ଅବସରପ୍ରାପ୍ତ ଶିକ୍ଷକ ନଟବର ଷଡ଼ଙ୍ଗୀ। ସେ କୁହନ୍ତି, 'ସ୍କୁଲ ବୟସରୁ ବାପାଙ୍କ ସାଥିରେ ଚାଷଜମିକୁ ଯାଇ ବିଭିନ୍ନ ପ୍ରକାରର ଗଛଲତା ଫୁଲଫଳକୁ ଦେଖି ଖୁସି ହେଉଥିଲି। ସମୟକ୍ରମେ ୧୯୯୨ ମସିହାରେ ସରକାରୀ ଶିକ୍ଷକ ଚାକିରିରୁ ଅବସର ନେଇ ଗାଁରେ ରହିଲି। ବଳକା ସମୟରେ କୃଷିସାମଗ୍ରୀ ଓ ବିହନ ପ୍ରତି ମନବଳାଇଥିଲି। କିନ୍ତୁ ଗାଁରେ ଥିବା ଆମର ପ୍ରାୟ ୫ଏକର ଚାଷଜମିରେ ୧୯୯୬ରୁ ଜୈବିକ ପଦ୍ଧତିରେ ବିଭିନ୍ନ ଦେଶୀ ଧାନଚାଷ କରାଯାଇଥାଏ। ତେବେ ଦେଶୀ ଜୈବିକ ଚାଷରୁ ଅମଳ ହେଉଥିବା ବିଭିନ୍ନ ଫସଲରେ ପ୍ରସ୍ତୁତ ଖାଦ୍ୟ ଶରୀରକୁ ଉତ୍ତମ ପୋଷଣ ଦେଇଥାଏ। ଏଥିପ୍ରତି ଲୋକଙ୍କ ଚାହିଦା ବଢ଼ିବାରେ ଲାଗିଲା। ଏମିତିରେ ୨୦୨୦ ମସିହାରୁ ବିଭିନ୍ନ ଦେଶୀ ଧାନବିହନ ସଂରକ୍ଷଣ କଲି। ଆଉ ଲୋକ ସମବାୟ ପ୍ରତିଷ୍ଠାନ ନାଁରେ ଏକ ଟ୍ରଷ୍ଟ ଗଠନ କଲି। ଦେଶୀ ଧାନ ବିହନ ସାଇତି ରଖିବା ଦ୍ୱାରା ସ୍ଥାନୀୟ ଗ୍ରାମବାସୀ ମଧ୍ୟ ଜୈବିକ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କଲେ। ଏହି ପ୍ରତିଷ୍ଠାନ ବା ସଂଗ୍ରହାଳୟରେ ପ୍ରାୟ ୭ଶହ ପ୍ରକାରର ଧାନ ବିହନ ରହିଛି। ସେହିପରି ସଂଗ୍ରହାଳୟ ନିକଟରେ ଥିବା ପ୍ରାୟ ୧୦ଏକର ଜମିରେ ବର୍ଷର ବିଭିନ୍ନ ଋତୁରେ କେବଳ ଜୈବିକ ପଦ୍ଧତିରେ ନାନା ପ୍ରକାର ଧାନଚାଷ ସମେତ ଅନ୍ୟାନ୍ୟ ଫସଲ ଚାଷ କରାଯାଉଛି । ଭଲ ଫସଲ ଅମଳ ହେଉଛି। ଏହି ସଂଗ୍ରହାଳୟରେ ଧାନ ବ୍ୟତିତ ପାନ ବଟୁଆ, ପାନଦାନି, ଗୁଆକାତି, ରୁଖା, ବ୍ୟାସ, ଖଟୁଲି, ପିଢ଼ା, ବିଭିନ୍ନ କଂସାପାତ୍ର, ସେହିପରି ସବାରି, ପାଲିଙ୍କି, ଢିଙ୍କି, ଚୁଲି, କଜ୍ଜଳପାତି, ସିନ୍ଦୂରଫରୁଆ, ସିନ୍ଧୁକ, ବେତର ପେଡ଼ି, ପେଟରା, ବାଉଁଶକୁଲା, ଭୋଗେଇ, ଟାଙ୍ଗୁଡ଼ି, ଟୋକେଇ, ପାଛିଆ, ଚିଢ଼େଇ, କାଠଚଟୁ, ଶଢେଇଡଙ୍କି, ଦହିଘୋଳା, ଲୁହାଲଙ୍ଗଳ, ଦା, ଚାଷଲୁହା, କୋଦାଳ, ଗଇନ୍ତି, ଫାଉଡ଼ା, ଈଷ, ଶଗଡ଼ଚକ, ଜୁଆଳି, ପହି, ଅର, ପଖିଆ, ମାଟିଘୁମ, ପଲମ, ଓଳିଆ, ମଇ, ମାଛଧରା ଜାଲ, ପୋଲୁହ, ମୁଗୁରା, ଖେପାଜାଲ ସମେତ ବିଭିନ୍ନ ଅଞ୍ଚଳର ମାଟି ଓ ପଥରକୁ ସଂଗ୍ରହକରି ସାଇତି ରଖାଯାଇଛି। ଏହି ସଂଗ୍ରହାଳୟକୁ ବୁଲିବା ପାଇଁ ଆଖପାଖ ଅଞ୍ଚଳ ସମେତ ବିଭିନ୍ନ ସ୍ଥାନରୁ ଅନେକ ଛାତ୍ରୀଛାତ୍ର, ବିଭିନ୍ନ ବର୍ଗର ବୁଦ୍ଧିଜୀବୀମାନେ ଆସିଥାନ୍ତି।

**ଦେଶୀ ବିହନ ସଂଗ୍ରହ ନିଶା:** ପ୍ରାକୃତିକ ଉପାୟରେ କିପରି ଦେଶୀ ବିହନକୁ ସଂରକ୍ଷଣକରି ସୁରକ୍ଷିତ ଭାବେ ଜୈବିକ ପଦ୍ଧତିରେ ଚାଷ କରିହେବ ତାହା ତାଙ୍କୁ ସର୍ବଦା ଘାରୁଥିଲା। ଏମିତି ଏକାଧିକ କିସମର ଧାନବିହନକୁ ସାଇତି ରଖିଛନ୍ତି ଜଣେ ଅବସରପ୍ରାପ୍ତ ଶିକ୍ଷକ । ସେ ହେଲେ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଅଧୀନ ମଦେଗାଁର ଶଙ୍କର ପ୍ରସାଦ ପଟ୍ଟନାୟକ। ସେ କୁହନ୍ତି, ଦେଶୀବିହନ ଓ ଜୈବିକ ଚାଷ ପରିବେଶ ପାଇଁ ଯେତିକ ଭଲ, ସୁସ୍ଥ ଓ ନୀରୋଗ ଜୀବନଯାପନ ପାଇଁ ଦେଶୀଖାଦ୍ୟ ସେତିକି ଉପକାରୀ। ତେବେ ଦିନକୁ ଦିନ ଲୋପପାଇବାକୁ ବସିଥିବା ବିଭିନ୍ନ ଦେଶୀ ବିହନକୁ ସଂରକ୍ଷିତ କରିବାର ପ୍ରୟାସ କରୁଛି। ଏଥିପାଇଁ ବିଭିନ୍ନ ଅଞ୍ଚଳରୁ

→







ନଟବର ଷଡ଼ଙ୍ଗୀ


ଶଙ୍କର ପ୍ରସାଦ ପଟ୍ଟନାୟକ

ଦେଶୀ ଧାନବିହନକୁ ସଂଗ୍ରହ କରି ଆଣିଥାଏ । ଏମିତିରେ ପ୍ରାୟ ୪୫୦ରୁ ଊର୍ଦ୍ଧ୍ୱ କିସମର ଧାନ ବିହନ ସଂଗ୍ରହକରି ରଖିଛି । ବିଭିନ୍ନ ପୁରୁଣାକାଳିଆ ଧାନର ବିହନ ସଂଗ୍ରହ କରିବା ସହିତ ଚାଷ ପାଇଁ ଚାଷୀମାନଙ୍କୁ ସଚେତନ କରିଥାଏ । ୨୦୧୫ ମସିହାରେ ଏକ ଚାଷଜମିରେ କିଛି ଦେଶୀ ଓ କିଛି ହାଇବ୍ରିଡ୍ ବିହନ ବୁଣିଥିଲି । ଅମଳ ପରେ ପରୀକ୍ଷା କରିଥିଲି ଦେଶୀ ଧାନରେ ଔଷଧୀୟଗୁଣ ଅଧିକ ରହିଛି । ଏହା ଉଚ୍ଚ ରକ୍ତଚାପ, ମଧୁମେହ ଏବଂ ରକ୍ତହୀନତା ଆଦି ରୋଗର ଉପଚାର କରିବାରେ ସହାୟକ ହୋଇପାରୁଛି । ଏଥିପାଇଁ ବିଭିନ୍ନ କିସମର ଦେଶୀ ଧାନବିହନକୁ ସଂଗ୍ରହ କରିବା ଅଭିଯାନ ଆରମ୍ଭ କରିଦେଇଛି । ପ୍ରାୟ ୧୨ ଏକର ପୈତୃକ ଜମିରେ ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ପ୍ରଥମବର୍ଷ ୬କିସମର ଧାନ ବିହନ, ତା'ପରବର୍ଷ ୩୦ କିସମର ଏବଂ ୩ୟ ଓ ଚତୁର୍ଥ ବର୍ଷରେ ପ୍ରାୟ ୪ଶହ ପ୍ରକାର ବିହନ ଚାଷ କରିଥିଲି । ଅମଳ ହୋଇଥିବା ବିହନ ସଂଗ୍ରହ କରି ସଂରକ୍ଷଣ କରିଥାଏ । ଏମିତିରେ ପ୍ରାୟ ୪୦ଦିନରୁ ୧୬୦ ଦିନ ମଧ୍ୟରେ ଅମଳ ହୋଇପାରୁଥିବା ପ୍ରାୟ ୪୫୦ ପ୍ରକାର ଦେଶୀଧାନ ବିହନ ସଂଗ୍ରହ କରିସାରିଲିଣି । ତେବେ ଦେଶୀ ଧାନ ସଂଗ୍ରହ ପାଇଁ ଅନ୍ୟଚାଷୀଙ୍କୁ ଉତ୍ସାହିତ କରିଥାଏ । ସେମାନଙ୍କୁ ଦେଶୀ ଧାନ ବିହନ ବଣ୍ଟନ କରି ଦେଶୀବିହନର ପରିମାଣକୁ ବଢ଼ାଇବାର ଉଦ୍ୟମ ଜାରିରଖିଛି । ରାଜ୍ୟ ଓ ଦେଶର ବିଭିନ୍ନ ସ୍ଥାନରେ ଆୟୋଜିତ କୃଷିମେଳା ଓ ବିହନ ପ୍ରଦର୍ଶନରେ ଯୋଗ ଦେଇଥାଏ । କେବଳ ଧାନ ବିହନ ନୁହେଁ ଏବେ ପ୍ରାୟ ୫ ପ୍ରକାରର ମାଣ୍ଡିଆକୁ ସଂରକ୍ଷଣ କରି ରଖିବା ସହିତ ଚାଷ କରୁଛି । ବରଗଡ଼, କଳାହାଣ୍ଡି, ଜୟପୁର, କୋଟଗଡ଼ ଆଦି ଆଦିବାସୀ ଅଞ୍ଚଳରେ ଆଦିବାସୀମାନେ ପୁରୁଣା ଦେଶୀ ବିହନ ବ୍ୟବହାର କରିଥା'ନ୍ତି । ଅନ୍ୟପକ୍ଷେ ସଂଗ୍ରହ କରିଥିବା ଧାନବିହନ ମଧ୍ୟରୁ ପ୍ରାୟ ୪୨ ପ୍ରକାରର ବିହନ ଭୁବନେଶ୍ୱରସ୍ଥିତ ବିହନ ଗବେଷଣାକେନ୍ଦ୍ରକୁ ଦେଇଛି । ତାକୁ ବିଭିନ୍ନ ସ୍ଥାନରେ ପ୍ରଦର୍ଶନ କରାଯାଉଛି ।

**ବିହନ ବ୍ୟାଙ୍କ:** ନୟାଗଡ଼ ଜିଲାର ଦଶପଲ୍ଲା ବ୍ଲକ ନଛିପୁର ପଞ୍ଚାୟତ ରାଇସର ଗାଁରେ ରହିଛି ଚାଷୀଙ୍କ ବିହନ ବ୍ୟାଙ୍କ । ଏଠାର ବିହନ ବ୍ୟାଙ୍କରେ ସାରିଆଗେଟା, ଝୁମ୍ପୁରୀ, ବୌଦିଆଚମ୍ପା, ମାଗୁରା, କର୍ପୂରକେଳି, ବାୟାଭଣ୍ଡା, କସ୍ତୁରୀ ଚମ୍ପା, ମୟରକଣ୍ଠା, ରଙ୍ଗମାଛକଣ୍ଟା, ଭୁତିଆ, ଜଙ୍ଗଲୀଜଟା, କଳାଜିରା, ଗୋପାଳଭୋଗ, ତୁଳସୀ, ଚିନାମାଳି, ବର୍ଷା, ପାଉଁଜି, କଳାକୋଇଲି, ନୃପତିଭୋଗ, ମୁକୁସଲା, ଅଳନ୍ଧୁକୁଟା, ଲାଣ୍ଡି, କଜଳଚମ୍ପା, ବଡତୁଳସୀ ଆଦି ୪୪ ପ୍ରକାରର ଦେଶୀ ଧାନ ଉପଲବ୍ଧ । କେବଳ ଧାନ ବିହନ ନୁହେଁ ବିରି, ମୁଗ, ଚଣା, ରାଶି, ଜହ୍ନା, ଗୁରୁଚି, ସୁଆଁ, କାନ୍ଦୁଲ ଆଦି ଅନ୍ୟ ବିହନ ଉପଲବ୍ଧ । ତେବେ ବିହନ ବ୍ୟାଙ୍କରେ ଦେଶୀ ଧାନକୁ ପ୍ରାଧାନ୍ୟ ଦିଆଯାଉଛି । ଏହି ବିହନ ବ୍ୟାଙ୍କ କରିଛନ୍ତି ସରିଗଣ୍ଡା ପଞ୍ଚାୟତର ବରପଲି, ସାତଝରୀ, ଗୋଠସାହି ଓ ଅନ୍ଧାରକୋଟରେ, ଲକ୍ଷ୍ମୀପୁର ପଞ୍ଚାୟତ ଗମ୍ଭାରୀଖୋଲ, ଜାମୁସାହି, ରାଇସର, ବିଡାପାଜ ଓ ଝୁଙ୍କାମରାରେ, ଘୁଗୁଡିପଡା ପଞ୍ଚାୟତର କଦଳୀବାରି, ସିଲିଗାଡି, ଚମ୍ପାଦାଇ, ଖଜୁରିଡିହ, ଖଳିସାହି, ଖଣ୍ଡାଧାର, ଜାନିସାହ ଓ ରାଇମଡା ପରି ଅଞ୍ଚଳରେ ପ୍ରାୟ ୫୫୯ ଜଣ ଚାଷୀ । ଏହି ଚାଷୀମାନେ ବିହନ ବ୍ୟାଙ୍କରେ ଦେଶୀ ଧାନକୁ ସଂରକ୍ଷଣ କରି ଚାଷୀଙ୍କୁ ମାଗଣାରେ ଦେଉଛନ୍ତି । ତେବେ ଅମଳ ପରେ ବିହନର ୩ ଗୁଣା ନେଉଛନ୍ତି । ବିହନ ବ୍ୟାଙ୍କର ସଭ୍ୟମାନେ ବିଭିନ୍ନ ସ୍ଥାନକୁ ଯାଇ ବିହନ ମାଗଣାରେ ଆଣୁଛନ୍ତି । ଏନେଇ ବରପାଲ୍ଲୀର ପୂର୍ଣ୍ଣଚନ୍ଦ୍ର ପ୍ରଧାନ କୁହନ୍ତି ମାଟିହାଣ୍ଡିରେ ଦେଶୀ ଧାନ


ସୁଦାମ ସାହୁ


ମହେନ୍ଦ୍ର ସାହୁ

ରଖି ଉପରେ ପାଳ ପକାଇ ମାଟି ଲେପି ସଂରକ୍ଷଣ କରାଯାଉଛି । ସେହିପରି ଅନ୍ୟ ଖାଦ୍ୟଶଷ୍ୟକୁ ମଧ ବିଭିନ୍ନ ପଦ୍ଧତିରେ ସଂରକ୍ଷଣ କରି ରଖୁଛୁ । ରାସାୟନିକ ସାର ବ୍ୟବହାର ନ କରି ଜୈବିକ ପଦ୍ଧତିରେ ଦେଶୀ ଧାନ ଚାଷ କରୁଛୁ ।

**ଦେଶୀ ବିହନ ସଂରକ୍ଷଣ :** ତାଙ୍କ ଘର ବରଗଡ଼ ଜିଲାର କଟାପାଲି ଗାଁରେ । ସେ ଯୁକ୍ତ୨ ଯାଏ ପଢିଛନ୍ତି । ମାତ୍ର କୃଷିକାର୍ଯ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ସେ ହେଲେ ସୁଦାମ ସାହୁ । ସେ କୁହନ୍ତି,'ଆମ ପରିବାରରେ ପୂର୍ବରୁ ଅନ୍ୟମାନେ ଧାନ ଚାଷ କରୁଥିଲେ । ପିଲାଦିନେ ଘରର ଆର୍ଥିକ ପରିସ୍ଥିତ ଭଲ ନ ଥିବାରୁ ପାଠପଢ଼ାରେ ଅସୁବିଧା ଥିଲା । ମାତ୍ର ଚାଷପ୍ରତି ମନବଳାଇଲି । ଏଥିଯୋଗୁ ୨୦୦୧ରେ ୱାର୍ଦ୍ଧାର ଗାନ୍ଧୀ ଆଶ୍ରମରେ ଯାଇ ଜୈବିକ ଚାଷଲାଗି ପ୍ରାୟ ୪ବର୍ଷଧରି ତାଲିମ ନେଲି । ଏଠାରେ ରାଜୀବ ଦୀକ୍ଷିତଙ୍କ ସହିତ ସାକ୍ଷାତ୍ ହୋଇଥିଲା । ପରେ ତାଙ୍କଠାରୁ ପାରମ୍ପରିକ ଜୈବିକ ଚାଷ ପ୍ରଣାଳୀ ତାଲିମ ପାଇଥିଲି । ସମୟକ୍ରମେ ଗାଁକୁ ଫେରିଆସିଲି । ନିଜର ପ୍ରାୟ ୫ଏକର ପୈତୃକ ଚାଷଜମିରେ ଜୈବିକ ପଦ୍ଧତିରେ ଧାନ ଚାଷ କଲି । ବିଭିନ୍ନ ସ୍ଥାନକୁ କୃଷି କାର୍ଯ୍ୟ ଓ ଶିବିରରେ ଯୋଗ ଦେବାକୁ ଯାଉଥିବା ବେଳେ ବିଭିନ୍ନ ପ୍ରକାର ଶସ୍ୟର ବିହନ ସଂଗ୍ରହକରି ଆଣିଥାଏ । ଏମିତିରେ ପ୍ରାୟ ୧୧ଶହ ପ୍ରକାରର ଦେଶୀ ଧାନବିହନ ସଂଗ୍ରହ କରିସାରିଲିଣି ।

ଜଣେ କୃଷିକାର୍ଯ୍ୟର ପ୍ରଶିକ୍ଷକଭାବେ ଦେଶୀ ଧାନ ସଂରକ୍ଷଣ ସମ୍ପର୍କରେ ଟ୍ରେନିଂ ଦେଇଥାଏ । ଅନ୍ୟପକ୍ଷେ ପ୍ରାୟ ୪ପ୍ରକାରର ଦେଶୀ ଧାନ – କୁସୁମକଲି, ଦାବତୀ, ସୁନାହରିଣୀ ଆଦି ପ୍ରକ୍ରିୟାକରଣ କରିବା ସହ ପ୍ରାୟ ୩୫ ପ୍ରକାରର ଦେଶୀ ସାର ଓ ଜୈବିକ କୀଟନାଶକ ତିଆରି କରିଛି । ୪୦ ପ୍ରକାରର ପନିପରିବା ମଞ୍ଜି ସଂରକ୍ଷଣ ହୋଇଛି । ଏମିତିରେ ଝାଡ଼ଖଣ୍ଡ, ଗୁଜରାଟ, ହିମାଚଳପ୍ରଦେଶ, କର୍ନାଟକ ଆଦି ରାଜ୍ୟର କେତେକ ଅଞ୍ଚଳର କୃଷକଙ୍କୁ ଦେଶୀ ବିହନ ପଠାଇଛି । ସେହିପରି ନେପାଳ, ଶ୍ରୀଲଙ୍କା, ସୁଇଜରଲାଣ୍ଡ, କାଫେଲା ୟୁନିଭର୍ସିଟି ଆଦିକୁ କେତେକ କିସମର ଦେଶୀ ବିହନ ପଠାଇଛି । କୃଷିକାର୍ଯ୍ୟପାଇଁ ବିଭିନ୍ନ କ୍ଷେତ୍ରରୁ ଶ୍ରେଷ୍ଠ କୃଷକ ସମ୍ମାନ, ବିହନ ସଂରକ୍ଷକ, ଆନ୍ଧ୍ର କୃଷି ସମ୍ମାନ, ବୀଜ ସମ୍ମାନ, ବିହନ ଯୋଦ୍ଧା, ଆଦର୍ଶ କୃଷକ ସମ୍ମାନ ସମେତ ଶତାଧିକ ପୁରସ୍କାର ଓ ସମ୍ମାନ ମିଳିଛି । ଏପରିକି ଜଗଜ୍ଜୀବନରାମ ପୁରସ୍କାର ମଧ ମଳିଛି । ପ୍ରାୟ ୧୫ଶହ ଲୋକଙ୍କୁ କାମ ଯୋଗାଇଥିବାରୁ ଖୁସି ଲାଗେ । ସୋସିଆଲ ମିଡିଆ ଜରିଆରେ ଅନେକ ଚାଷୀଙ୍କ ସହଯୋଗ ମିଳୁଛି ।

**ବିହନ ସଂଗ୍ରହ କରିବା ନିଶା ଘାରିଥିଲା:** ପିଲାଟି ଦିନରୁ ତାଙ୍କର ଚାଷପ୍ରତି ଥିଲା ଅହେତୁକ ଦୁର୍ବଳତା । ସମୟକ୍ରମେ ଚାଷକୁ ହିଁ ସେ ଜୀବିକା ଭାବେ ଗ୍ରହଣକରି ପରିବାର ଚଳାଉଛନ୍ତି । ଏଥିସହିତ ବିଭିନ୍ନ ଦେଶୀ ବିହନ ସଂରକ୍ଷଣ କରି ରଖିଛନ୍ତି । ସେ ହେଲେ ବରଗଡ଼ ଜିଲାର କୁଟେନପାଲି ଗାଁର ମହେନ୍ଦ୍ର ସାହୁ । ସେ କୁହନ୍ତି, 'ସ୍କୁଲଯିବା ବୟସରେ ମୋର ଚାଷପ୍ରତି ଖୁବ୍ ଆଗ୍ରହ ରହିଥିଲା । ୧୦ମ ଯାଏ ପଢିଛି । କିନ୍ତୁ ଚାଷରେ ମନ ଲାଗିଲା । ସମୟକ୍ରମେ ପୈତୃକ ଚାଷଜମିରେ ଧାନ ଚାଷ କରିଆସୁଛି । କିନ୍ତୁ ୨୦୧୭ ମସିହାରେ ଏକ ଘରୋଇ ସାମାଜିକ ଅନୁଷ୍ଠାନ ଦ୍ୱାରା ଆୟୋଜିତ ଏକ ଶିବିରରେ ଚାଷ ସମ୍ପର୍କରେ କିଛି ନୂଆ କଥା ଜାଣିପାରିଲି । ତା' ପରେ ମୋତେ ୩ ପ୍ରକାର ଧାନବିହନ ଯୋଗାଇ ଦିଆଯାଇଥିଲା । ପରେ ସାତ ପ୍ରକାରର ଧାନବିହନ ସଂଗ୍ରହ କରିଥିଲି । ଏହାକୁ ଜୈବିକ ପ୍ରଣାଳୀରେ ଚାଷ କରୁଥିଲି । ଧାନ ଚାଷ ଓ ବିହନ ସଂରକ୍ଷଣ ବିଷୟରେ ଜାଣିଲି । ଚାଷକରି ସେଥିରୁ ପ୍ରାୟ ବାର୍ଷିକ ୨ଶହ କୁଇଣ୍ଟାଲ ଧାମ ଅମଳ କଲି । ଏହି ବିହନରୁ କିଛିପରିମାଣର ବିହନକୁ ପ୍ରାୟ ସ୍ଥାନୀୟ କୃଷକଙ୍କୁ ଯୋଗାଇ ଆସୁଛି । ସେମାନଙ୍କୁ ଭଲ ଚାଷ ସମ୍ପର୍କରେ ବୁଝାଇଥାଏ । ବରଗଡ଼, ସମ୍ବଲପୁର, ସୋନପୁର ଆଦି ଜିଲାର ଆଗ୍ରହୀ ଜୈବିକ ଚାଷୀଙ୍କୁ ଦେଶୀ ବିହନ ଯୋଗାଇ ଆସୁଛି । ବିଭିନ୍ନ ପ୍ରକାର ଧାନବିହନ ମଧ୍ୟରେ ପ୍ରାୟ ୧୩୦ କିସମର ବିହନ ସାଇତି ରଖିଛି । ଧାନ ଚାଷ ସମ୍ପର୍କରେ ଆମ ଗାଁ ନିକଟ ଆଖପାଖ ଗାଁର ଅନେକ ଚାଷୀ ଆସି ବୁଝିଥାନ୍ତି । ଘରେ ବିଭିନ୍ନ ଧାନ ବିହନ ସଂରକ୍ଷଣ କରିରଖିଥିବାରୁ ଚାଷୀମାନଙ୍କୁ ଏହି ଧାନବିହନ ଯୋଗାଇବାରେ ସୁବିଧା ହେଉଛି । ଏଥିରେ ଖୁବ୍ ଆନନ୍ଦ ମିଳୁଛି ।


ଅନ୍ୟପକ୍ଷେ ଏମାନଙ୍କ ବ୍ୟତୀତ ଆହୁରି ଅନେକ ଚାଷୀ ଅଚନ୍ତି ଯେଉଁମାନେ କି ଜୈବିକ ଚାଷ କରିବା ସହିତ ଏକାଧିକ କିସମର ଶସ୍ୟ ଓ ପନିପରିବା ବିହନ ସଂଗ୍ରହକରି ସୁରକ୍ଷିତ ରଖିଥିବାର ନଜିର ରହିଛି ।

**-ବନବିହାରୀ ବେହେରା, ଲୋକନାଥ ମିଶ୍ର, ସଦାଶିବ ପ୍ରହରାଜ**



# ବୁଟ୍‌କଟ୍ ଜିନ୍ସ ଫ୍ୟାଶନ





**ବୁଟ୍‌କଟ୍ ଜିନ୍ସର ଟ୍ରେଣ୍ଡ ଏବେ ପୁଣିଥରେ ଫେରି ଆସିଛି, ଯାହାକୁ ଯୁବପିଢି ଖୁବ୍ ପସନ୍ଦ କରୁଛନ୍ତି। ଏହି ଟାଇପ୍‌ର ଜିନ୍ସ ସାଧାରଣତଃ ଅଣ୍ଟାଠୁ ଆଣ୍ଠୁ ପର୍ଯ୍ୟନ୍ତ ଫିଟିଙ୍ଗ୍ ହୋଇ ରହୁଥିବା ବେଳେ ଆଣ୍ଠୁରୁ ତଳ ଆଡକୁ ଢିଲା ରହିଥାଏ। ତେବେ ଏହି ଜିନ୍ସ ସହ କେଉଁ ଟାଇପ୍‌ର ଟପ୍ସ ପିନ୍ଧିଲେ ଲୁକ୍ ଅଧିକ ଷ୍ଟାଇଲିଶ୍ ଲାଗିବ ଜାଣନ୍ତୁ ସେ ସମ୍ପର୍କରେ...**



✲ **ଫୁଲ୍ ସ୍ଲିଭ୍ ଟପ୍ସ:** ଯୁବତୀ ଚାହିଁଲେ ନିଜ ମନପସନ୍ଦର ଯେ କୌଣସି ରଙ୍ଗର ଫୁଲ୍ ସ୍ଲିଭ୍ ଟପ୍ସକୁ ବୁଟ୍‌କଟ୍ ଜିନ୍ସ ସହ କ୍ୟାରି କରିପାରିବେ। ଏହା ତାଙ୍କୁ ଏକ ଡିଫରେଣ୍ଟ ଲୁକ୍ ଦେବ। ଏହି ଗେଟ୍‌ଅପ୍ ସାଙ୍ଗକୁ ଇୟର ରିଂ ବି ପିନ୍ଧିଲେ ବେଶ୍ ଭଲ ମାନିବ। ଲଞ୍ଚ ଡେଟ୍ ପାଇଁ ଏହା ଏକ ପରଫେକ୍ଟ ଆଉଟ୍‌ଫିଟ୍ ହୋଇଥାଏ।

✲ **ଅଫ୍ ସୋଲ୍ଡର ଟପ୍ସ:** ପାର୍ଟି, ଫଙ୍କସନ୍‌କୁ ଯିବାର ଥିଲେ ବୁଟ୍‌କଟ୍ ଜିନ୍ସ ସହ ଯୁବତୀ ଚାହିଁଲେ ଏହି ଟାଇପ୍‌ର ଟପ୍ସକୁ ପିନ୍ଧି ଆଟ୍ରାକ୍ଟିଭ୍ ଲୁକ୍ ପାଇପାରିବେ। ଏହାସହିତ ହାଇହିଲ୍ ଓ ଲାଇଟ୍ ମେକ୍‌ଅପ୍ ବେଶ୍ ସୁନ୍ଦର ଲାଗିଥାଏ।

✲ **କ୍ରପ୍ ହଲ୍ଟର ନେକ୍:** ଏହି ଟାଇପ୍‌ର ଟପ୍ସ ଆକର୍ଷଣୀୟ ଲୁକ୍ ଦେଇଥାଏ। ଖାସ୍‌କରି ବୁଟ୍‌କଟ୍ ଜିନ୍ସ ସହ ଉଭୟ ଡାର୍କ ହେଉକି ଲାଇଟ୍ କଲର୍‌ର କ୍ରପ୍ ହଲ୍ଟର ନେକ୍‌ବାଲା ଟପ୍ସ ବେଶ୍ ଭଲ ମ୍ୟାଚ୍ କରିଥାଏ। ତେବେ ଏହି ଲୁକ୍‌କୁ କମ୍ପ୍ଲିଟ୍ କରିବା ପାଇଁ ଯୁବତୀ ଚାହିଁଲେ ନିଜ କେଶକୁ ହାଇ ପିନ୍ ଦ୍ୱାରା ଉପରକୁ ଟେକି ବାନ୍ଧିପାରିବେ। ତା'ସହିତ ଛୋଟ ହୁପ୍ସ ଇୟରରିଂ ଏବଂ ନ୍ୟୁଡ୍ ଲିପ୍‌ଷ୍ଟିକ୍ ବି ଲଗାଇପାରିବେ।

✲ **ଟି-ଶାର୍ଟ:** ଏହା ଯୁବତୀଙ୍କୁ କୁଲ୍ ଲୁକ୍ ଦେଇଥାଏ। ବିଶେଷକରି ଡେ ଆଉଟିଂରେ ଗଲାବେଳେ ବୁଟ୍‌କଟ୍ ଜିନ୍ସ ସହ ଟି-ଶାର୍ଟକୁ ପେୟାର୍ କରି ପିନ୍ଧିଲେ ଲୁକ୍ ବେଶ୍ ସ୍ମାର୍ଟ ଲାଗିଥାଏ। ତେବେ ଏହି ଗେଟ୍‌ଅପ୍‌ରେ କେଶକୁ ଖୋଲା ଛାଡ଼ିପାରିବେ ନଚେତ୍ ହାଇ ପୋନିଟେଲ୍ ବି କରିପାରିବେ।

✲ **ଫୁଲ୍-ସ୍ଲିଭ୍ ଶାର୍ଟ:** ବୁଟ୍‌କଟ୍ ଜିନ୍ସ ସହ ଫୁଲ୍ ସ୍ଲିଭ୍ ଶାର୍ଟ ପିନ୍ଧିଲେ କାଜୁଆଲ୍ ଲୁକ୍ ମିଳିଥାଏ। ଖାସ୍ କରି ଲାଇଟ୍ କଲର୍‌ର ପ୍ରିଣ୍ଟେଡ୍ ଶାର୍ଟ ଏହି ଲୁକ୍ ପାଇଁ ପୂରା ପରଫେକ୍ଟ ହୋଇଥାଏ। ତେବେ ଏହି ଲୁକ୍‌କୁ ଆହୁରି ଭଲ କରିବା ପାଇଁ ହାଇହିଲ୍ ପିନ୍ଧିବା ସାଙ୍ଗକୁ ହାଇ ପୋନିଟେଲ୍ ମଧ୍ୟ କରିପାରିବେ।

### ଜରୁରୀ ଟିପ୍ସ

-ସବୁବେଳେ ନିଜକୁ ପରଫେକ୍ଟ ଫିଟିଙ୍ଗ୍ ହେଲା ଭଳି ଜିନ୍ସ କିଣିବା ଦରକାର।

- ଏହାର ସାଇଜ୍ ଓ ଲେଙ୍ଗ୍‌ଥ ପ୍ରତି ବି ବିଶେଷ ଧ୍ୟାନ ଦେବା ଆବଶ୍ୟକ।

- ତେବେ ବୁଟ୍‌କଟ୍ ଜିନ୍ସକୁ ଯେ କୌଣସି ଅକେଜନ୍ ହେଉ ଅବା ଯେ କୌଣସି ଋତୁରେ ପିନ୍ଧାଯାଇପାରେ, କିନ୍ତୁ ବର୍ଷାଦିନେ ଏଥିରେ ଦାଗ ଲାଗିବାର ଡ଼ର ରହିଥାଏ। ସେଥିପାଇଁ ସତର୍କତା ଅବଲମ୍ବନ କରିବା ଆବଶ୍ୟକ।








ଦୀର୍ଘ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଶିଳ୍ପୀ ସାଧନାକୁ ଜାରି ରଖିଥିବା ତପନଙ୍କର ଅଧିକ ଚିତ୍ରରେ ଦେଖିବାକୁ ମିଳେ ଓଡ଼ିଶାର କଳାସଂସ୍କୃତିର ଝଲକ...


# ଓଡ଼ିଶା ମାଟିର ବାସ୍ନା ଥାଏ ମୋ ଚିତ୍ରରେ

ସେ ଜଣେ ଏମିତି ଶିଳ୍ପୀ, ଯେକି ତାଙ୍କ ଚିତ୍ରକଳାରେ କୌଣସି ନିର୍ଦ୍ଦିଷ୍ଟ କାହାଣୀକୁ ସ୍ଥାନ ନ ଦେଇ ବରଂ ଯେତେବେଳେ ଯାହାକିଛି ଘଟଣା ତାଙ୍କ ମନକୁ ଛୁଏଁ ସେ ସେଥିରେ ଚିତ୍ରକଳାର ରୂପ ଦିଅନ୍ତି। ନିଜର ଭାବାବେଗ ସହ ଅନ୍ତଃସ୍ୱରକୁ ସେ ଚିତ୍ରରେ ରୂପ ଦେବାକୁ ପ୍ରୟାସ କରିଥାନ୍ତି। ବିଶେଷକରି ଗ୍ରାମୀଣ ଲୋକଙ୍କ ବେଶପରିପାଟୀର ସୌନ୍ଦର୍ଯ୍ୟ ତାଙ୍କ ଅଧିକାଂଶ ଚିତ୍ରକଳାରେ ସ୍ଥାନ ପାଉଥିବାର ଦେଖିବାକୁ ମିଳେ। ଏମିତିରେ ସେ ଦୀର୍ଘ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଶିଳ୍ପୀ ସାଧନାକୁ ଜାରି ରଖିଛନ୍ତି। ଏଥିପାଇଁ ତାଙ୍କ କଳାପ୍ରତିଭାକୁ ବିଭିନ୍ନ କ୍ଷେତ୍ରରୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ସେ ହେଲେ ଚିତ୍ରଶିଳ୍ପୀ **ତପନ କୁମାର ଦାଶ**, ପିତା ପୀତାମ୍ବର ରଥ, ମାତାଙ୍କ ନାମ ପୁଷ୍ପମିତ୍ରା ରଥ। ଜନ୍ମ ୧୯୭୨ ମସିହାରେ। ଘର ପୁରୀ ଜିଲା ସାକ୍ଷୀଗୋପାଳ ଅଧୀନ ବାଲିହୁଡ଼ା ଗାଁରେ। ଯୁକ୍ତ ୨ ବାଣିଜ୍ୟ ପରେ ସେ ବି.କେ. କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟରୁ ବିଏଫ୍ଏ ଡିଗ୍ରି ହାସଲ କଲେ। ସେ କୁହନ୍ତି, 'ପିଲାଟିଦିନରୁ ମୋର ଚିତ୍ରକଳା ପ୍ରତି ଖୁବ୍ ଆଗ୍ରହ ରହିଥିଲା। ମୋର ମନେପଡୁଛି, ପିଲାବେଳେ ଯେବେବି ହୋମିଓପାଥିକ କ୍ଲିନିକ୍‌କୁ ଯାଉଥିଲି ଔଷଧ ପାଇଁ ବ୍ୟବହାର ହେଉଥିବା ଛୋଟ ଛୋଟ ଧଳାକାଗଜଗୁଡ଼ିକୁ ସଂଗ୍ରହ କରି ଆଣୁଥିଲି। ସେଥିରେ କିଛି ମହମରେ ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ ମିଶାଇ ରଙ୍ଗ ତିଆରି କରି ଚିତ୍ର ଆଙ୍କିବାକୁ ଚେଷ୍ଟା କରୁଥିଲି। ଅବଶ୍ୟ ସେସବୁ ବେଶି ଭଲ ନ ହେଲେ ମଧ୍ୟ କିଛି ଖରାପ ବି ଲାଗୁ ନ ଥିଲା। ସେ ସମୟରେ ଏତେ ସୁବିଧାରେ ରଙ୍ଗ ମିଳୁ ନ ଥିଲା। ହେଲେ ପିଲାବେଳେ ଏସବୁ କରିବାରେ ମୋର ଖୁବ୍ ଆଗ୍ରହ ଥାଏ। ପରେ ମୁଁ ଭୁବନେଶ୍ୱର ଲକ୍ଷ୍ମୀସାଗର ହାଇସ୍କୁଲରୁ ମାଟ୍ରିକ୍ ପାସ୍ କରିବାପରେ ମହର୍ଷି କଲେଜରେ +୨ କମର୍ସ ପଢ଼ିଲି। କିନ୍ତୁ ମୋର କଳା ପ୍ରତି ଖୁବ୍ ଆଗ୍ରହ ଥିବାରୁ କଳା ଶିକ୍ଷା ପାଇଁ ବି.କେ. ଆର୍ଟ କଲେଜରେ ନାମ ଲେଖାଇଲି। ୧୯୯୫ ମସିହାରେ ଏହି କଲେଜରୁ କଳା ଶିକ୍ଷା ସାରି ଦିଲ୍ଲୀ ଗଲି। ତେବେ ମୋର ଗାଁ ପରିବେଶ, ଗାଁ ଚାଲିଚଳଣ ଓ ସଂସ୍କୃତି ପ୍ରତି ଥିଲା ଅହେତୁକ ଆଗ୍ରହ। ବିଶେଷକରି ପର୍ବପର୍ବାଣି, ଚିତା, ମୁରୁଜ ଇତ୍ୟାଦି ମତେ ଖୁବ୍ ଆକୃଷ୍ଟ କରୁଥିଲା। ଓଡ଼ିଶାର ଚିତ୍ରକଳା, ମୂର୍ତ୍ତିକଳା ଓ ବିଭିନ୍ନ ମଠମନ୍ଦିରର କାରୁକାର୍ଯ୍ୟ ମୋର କଳାପ୍ରିତିକୁ ବଢାଇଦେଇଥିଲା। ଯେଉଁଥିପାଇଁ ମୋର ଚିତ୍ରରେ ଓଡ଼ିଶା ସଂସ୍କୃତିର ଛାପ ଦେଖିବାକୁ ମିଳିଥାଏ। ଅଧିକାଂଶ ଚିତ୍ରକୁ ସାଧାରଣ ଲୋକ ବୁଝିବା ସହଜ ହୋଇନ ଥାଏ। କିନ୍ତୁ ମୁଁ କରୁଥିବା ଚିତ୍ରକୁ ଯେମିତି ସାଧାରଣ ଲୋକ ବୁଝିପାରିବେ ସେଭଳି କରିବାକୁ ପ୍ରୟାସ କରିଥାଏ। କାନ୍‌ଭାସ ପାଖରେ ବସି ମୋ ନିଜ ମନର ଭାବାବେଗକୁ ତୁଳୀ ସାହାଯ୍ୟରେ ରୂପ ଦେବାକୁ ପ୍ରୟାସ କରିଥାଏ। ଯେଉଁ ଭାବାବେଗକୁ ଶବ୍ଦରେ ବ୍ୟାଖ୍ୟା କରିବା ସମ୍ଭବ ନୁହେଁ ତାକୁ ଚିତ୍ର ଦ୍ୱାରା ବ୍ୟାଖ୍ୟା କରିବାକୁ ଚେଷ୍ଟାକରେ। ଏଥିପାଇଁ ମୋର ବହୁ ଚିତ୍ର ସଂଜ୍ଞାବିହୀନ। କିନ୍ତୁ ଦିଲ୍ଲୀ ଆସିବା ପରେ ମୋ ଚିତ୍ରର ପରିଭାଷାରେ ବହୁତ କିଛି ପରିବର୍ତ୍ତନ ଆସିଲା। ଦେଶ ବିଦେଶର ବହୁ ବିଖ୍ୟାତ ଚିତ୍ରକର, ମୂର୍ତ୍ତିକାର, କବି, ଲେଖକମାନଙ୍କ ସହ ସମ୍ପର୍କ ହେଲା। ଧୀରେ ଧୀରେ ଚିତ୍ରର ଧାରାରେ ମଧ୍ୟ କିଛି ପରିବର୍ତ୍ତନ ଆସିଲା। ତଥାପି ମୋ ଚିତ୍ରରେ ଓଡିଶାର କଳାସଂସ୍କୃତିର ଛାପ ସବୁବେଳେ ଦେଖିବାକୁ ମିଳେ। ଦିଲ୍ଲୀ ଆସିବାର ୨୫ ବର୍ଷ ମଧ୍ୟରେ ବହୁ ଅଭିଜ୍ଞତା ହାସଲ କରିଛି। ବହୁ ଦେଶ ବିଦେଶ ବୁଲିବା ଓ ସେଠାରେ ଚିତ୍ର ପ୍ରଦର୍ଶନୀ କରିବା ଓ କଳା ଶିବିରମାନଙ୍କରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିଛି। ଆମେରିକା, ଇଂଲଣ୍ଡ, ଜର୍ମାନୀ, ଫ୍ରାନ୍ସ, ଦୁବାଇ, ଅଷ୍ଟ୍ରେଲିଆ, ନେଦରଲାଣ୍ଡ, ମାଲେସିଆ, ଇଣ୍ଡୋନେସିଆ ଆଦି ଦେଶର କଳାପ୍ରେମୀମାନେ ମୋ ଚିତ୍ରକୁ ସଂଗ୍ରହ କରି ରଖିଛନ୍ତି। ଏହାସହ ମୋତେ କିଛି ଜାତୀୟସ୍ତରର ପୁରସ୍କାର ମଧ୍ୟ ମିଳିଛି। ମୋ ଅଭିଜ୍ଞତାରୁ କହିବି ଯେ, ଆଜିର ଆଗ୍ରହୀ ଛାତ୍ରୀଛାତ୍ରମାନେ ପ୍ରାରମ୍ଭିକ ଶିକ୍ଷାରୁ ହିଁ କଳା ଶିକ୍ଷାକୁ ମଜଭୁତ କରିବା ନିହାତି ଆବଶ୍ୟକ। ପ୍ରଥମେ କଳା ସାଧନା ଜାରି ରଖିବା ଆବଶ୍ୟକ। ବାକି ଆଗକୁ ଅନେକ ବାଟ ରହିଛି।

–ବନବିହାରୀ












# ଜହ୍ନ ପରି ଝିଅଟିଏ

–ବିଜୟଲକ୍ଷ୍ମୀ ଦାଶ

ଜହ୍ନ ପରି ଝିଅଟିଏ
ଜୀବନର ବଢିବା ଛିଡିବାକୁ ଭ୍ରୁକ୍ଷେପ ନ କରି
ଜ୍ୟୋସ୍ନା ବିତରି ହସୁଥାଏ ।
କଳଙ୍କ ସବୁକୁ କଳା ଟିକା କରି
ବେଧଡକ୍ ମଥାରେ ସଜାଏ
ମିଳୁଥିବା ଆଲୋକକୁ ବାଣ୍ଟି ଦେଇ
ଆକାଶକୁ ପିଠି କରି
ଅନ୍ଧାରକୁ ଏକା ଏକା ଭୋଗୁଥାଏ ।


ତା'ପାଇଁ କଳାପଟା ପରି
ପ୍ରଶସ୍ତ ରାତିଟେ କିଏ ଖଞ୍ଜିଛି କେଜାଣି
ସେ ଆଙ୍କୁଥାଏ ନିତି ଗୋଟେ ନୂଆ କାହାଣୀ।
ତା'ର ପ୍ରେମ ପୂନେଇଁର ଜୁଆର
ଅଭିମାନ ଉଁଆସି ରାତିର ଲୁହ
କୋହର ଢେଉ ବଢେ କମେ ଜହ୍ନ ଦେଖି
ଫେରିଯାଏ ଆଖିର ବେଳା(ଭୂମି) ଛୁଉଁ ଛୁଉଁ ।

ସେ ଦୃଶ୍ୟାନ୍ତର ହେବା ଭ୍ରମ ଗୋଟେ,
ଯାହା ତୁମେ ଚାହିଁ ଭୋଗିପାର
ଅବା ତୁମ ମନ ଆଇନାର ନିର୍ମଳ ପୃଷ୍ଠାରେ
ସଦା ପ୍ରତିବିମ୍ବ ତା'ର ଦେଖି ପାର।
ସ୍ୱାଭିମାନର ଦୁର୍ଗ ଗୋଟେ ଗଢି
ଅଘୋଷିତ ସାମ୍ରାଜ୍ଞୀ ଥାଏ ସେ
ବେଶ୍ ନିର୍ଦ୍ଦିଷ୍ଟ ପରିସୀମା ଯା'ର ।

ତା'ନିଆରା ପଣରେ
ଝଲସୁ ଥାଏ ସାରା ଆକାଶ
ମୋ' ନଡ଼ିଆ ଗଛର ଛାଇ
ଆଉ ପୋଖରୀର ନୀଳ କଇଁ।
ଟିକେ ମିଠା ଗପ
ଫେରିବାର ପ୍ରତିଶ୍ରୁତି ଛଡା
ମୋର ତା'ଠାରୁ ଆଉ ବେଶି କିଛି ଲୋଡା ନାହିଁ ।

–ଯାଜପୁର
ମୋ:୯୪୩୮୫୬୯୯୯୭





# ଚଡକ

– ଯାଜ୍ଞସେନୀ ହୋତା

ବହୁ କଷ୍ଟେ ଯୋଗାଡିଥିଲେ ବି, ଭାଗ୍ୟଭଲ ଓମ୍ କଲ୍ୟାଣମଣ୍ଡପ ଲାଗିକରି ରହିଛି ମେସ୍‌ଟା । ପ୍ରବଳ ଭିଡ ଆଜିକାଲି ରାଜଧାନୀରେ। ନିଜ ସହରରେ ପାଠ ହୁଏନା ଏବର ପିଲାଙ୍କର। ମେଡିକାଲ୍, ବ୍ୟାଙ୍କିଙ୍ଗ, ଇଞ୍ଜିନିୟରିଂ , ଓଏଏସ୍, ଆଇଏସ୍ କି ଏଗ୍ରିକଲ୍ଚର୍ କୋଚିଂ କଥା ଛାଡି ଦେଲେ ବି ପ୍ଲସ୍ଟୁ କି ପ୍ଲସ୍ ଥ୍ରି ପାଇଁ ବି ଚାଲ ରାଜଧାନୀ ।

ହଷ୍ଟେଲ୍ ପାଠ, ବର୍ତ୍ତମାନ ଯୁଗର ସମ୍ଭ୍ରାନ୍ତ ପଣିଆଁର ପରିଚାୟକ ଆଉ ପ୍ରଥମ ଶ୍ରେଣୀରୁ ବି ହଷ୍ଟେଲ୍ ପଠେଇବାର ଗୁରୁଦାୟିତ୍ୱ ବହନ କରିପାରିଥିବା ସାମର୍ଥ୍ୟଟେ ନେଇ ଗର୍ବ କରନ୍ତି ମାଆ ବାପାମାନେ। ବାବୁ ଆମର ପଢୁଛି ଭୂବନେଶ୍ୱରରେ.....।

ବାପାଙ୍କ ଅର୍ଥ ଶ୍ରାଦ୍ଧ କରି ଶେଷରେ ବାବୁ ଘରସାମ୍‌ନାରେ ଷ୍ଟଲ୍‌ଟେ ଖୋଲି ଜେରକ୍ସ ଦୋକାନଟେ କରୁଛନ୍ତି। ଆଉ ଝିଅମାନେ ବି କେଉଁ କମ୍ ଯେ ? ?

ବାପି ତା' ସାଙ୍ଗମାନଙ୍କ ସହ ରହୁଥିଲା ସେଇ ମେସ୍ ରେ। ନିତି ନିତି ବାହାଘର, ବ୍ରତଘର ବାର୍ଥ ଡେ ପାର୍ଟି ହେଉ କି ମେରେଜ୍ ଆନିଭର୍ସରୀ ..ଚାଲିଥିବ ଭୋଜି।

ପଛପଟୁ ଗୋଟେ ଫାଙ୍କଦେଇ ଭୁରିଭୋଜନରେ ସାମିଲ୍ ହେଇ କିଛି ଅର୍ଥ ବଳେଇ ଅୟେସ୍ କରିବା, ଗାର୍ଲଫ୍ରେଣ୍ଡଙ୍କ ଚାହିଦା ମେଣ୍ଟେଇବା ଏମାନଙ୍କ କାମ। ସେଦିନ ଥାଏ ହାଇଫାଇ ପାର୍ଟି। ଟିପ୍ ଟପ୍ ହେଇକି ବାପି ସମେତ ପୁରା ଗେଙ୍ଗ ମାଡିଗଲେ ଭୋଜିକୁ।

ଷ୍ଟେଜ୍‌ରେ ବର କନ୍ୟା । ତଳେ ମେଲୋଡି ପାର୍ଟି ସହ ଡ୍ୟାନ୍ସ। ଟିକେ ନାଚ ଗୀତ ବି ହେଇଯିବ ଖାଇସାରି। ପ୍ଲେଟ୍ ଟା ଉଠେଇଚି କି ନାହିଁ ଗୁଞ୍ଜୁ ରଡିଛାଡିଲା ଏ ବାପି.. ଏ ତ ଆମର ସିମି ପରି ଲାଗୁଛି। ପ୍ଲେଟ୍‌ଟା ଖସିପଡିଲା ହାତରୁ।


ଆଖିକି ଭଲକି ରଗଡିଦେଲା ବାପି ।

ଏ ତ ତା' ଏକମାତ୍ର ଭଉଣୀ ସିମି, ତା' ବାପାମାଆଙ୍କର ଅଳିଅଳ ରାଜଜେମା। ବ୍ୟାଙ୍କିଙ୍ଗ କୋଚିଂ ନେବାକୁ ଲେଡିଜ୍ ମେସ୍‌ରେ ରହୁଥିଲା। ସିମି ସିନ୍ଥିର ସିନ୍ଦୁର ରକ୍ତର ଗାର ଆଉ ତା ଓଠର ହସ ତାକୁ ଲାଗୁଥିଲା ଖଣ୍ଡାର ଧାର ପରି। ଛିଃ ! ଶେଷରେ ଏ ଛତରା ଡ୍ରଙ୍କଡ୍ ସହ...ଷ୍ଟେଜ୍ ଉପରକୁ ଧାଇଁ ଯିବାକୁ ଉଦ୍ୟତ ହେଲାବେଳେ କେଉଁ ନେପଥ୍ୟ ଖଳନାୟକର ଇସାରାରେ ତା' ହାତ ଧରିନେଲା ପୋଲିସ୍।

ମାଆକୁ କଲ୍ କଲା...ମୋବାଇଲ୍‌ଟା ବୋଧେ ମାଆ ହାତରୁ ପଡିଗଲା କି କଣ ଯେ.. କିଛି ଶୁଭିଲାନି ଆଉ।

–ଆସ୍ଥା ପବ୍ଲିକ୍ ସ୍କୁଲ୍ , ବେଲପଡା
ମୋ:୯୧୭୮୮୬୬୩୭୭





# ସ୍ୱୀକାରୋକ୍ତି

–ରଜତ ମହାନ୍ତି

ତୁ ମିଛ କହୁଛୁ
ଜାଣିଛି ମୁଁ, ହେଲେ
ତୋ ମିଛ ବି ମୋତେ ଭଲଲାଗେ,
ବାହାନାକୁ ଯେବେ
ତୋ ହାତେ ପରଷୁ
ସେ ବି ମତେ ମିଠା, ମିଠା ଲାଗେ।

–ବଳଗଣ୍ଡି, ପୁରୀ
ମୋ: ୮୯୦୮୦୬୬୫୬୨

# ଦୋଛକିରେ ଆଲିଆ

**ଆ**ଲିଆ ଭଟ୍ଟ ଏବେ ଦୋଛକିରେ ପଡିଛନ୍ତି। କାରଣ ତାଙ୍କୁ ଅଫର ମିଳିଥିବା ଫିଲ୍ମଦ୍ୱୟ ମଧ୍ୟରୁ କାହାକୁ ହଁ ଭରିବେ କାହାକୁ ମନା କରିବେ ସେ ନେଇ ଅଡୁଆରେ ପଡିଛନ୍ତି। କଥା କ'ଣ କି ନିକଟରେ ତାଙ୍କୁ ଦୁଇଟି ସିନେମାର ନାୟିକା ସାଜିବାକୁ ଅଫର ମିଳିଥିଲା। କାହାଣୀ ଶୁଣିବା ପରେ ସେ ରାଜି ମଧ୍ୟ ହୋଇଥିଲେ। ହେଲେ ଅଡୁଆ ଏଇଥିପାଇଁ ହୋଇଛି ଯେ ଫିଲ୍ମଦ୍ୱୟର ଶୁଟିଂ ଏକାଥରେ ଆରମ୍ଭ ହେଉଛି। ତେଣୁ କାହାକୁ କେତେବେଳେ ସମୟ ଦେବେ ତାହା ତାଙ୍କୁ ଦୋଛକିରେ ପକାଇ ଦେଇଛି। ଏ ନେଇ ଆଲିଆ କହନ୍ତି, 'ଫିଲ୍ମଦ୍ୱୟର କାହାଣୀ ମୋତେ ବେଶ୍ ଇମ୍ପ୍ରେସ୍୦୦୦ କରିଛି। ହେଲେ ଏଗୁଡିକର ଶୁଟିଂ ଆସନ୍ତା ବର୍ଷ ଶେଷାର୍ଦ୍ଧରେ ଏକାଥରେ ଆରମ୍ଭ ହେବାର ଯୋଜନା ରହିଛି। ଯଦି ଆସନ୍ତା ବର୍ଷ ମୋ ହାତରେ ସମୟ ଥାଏ ତେବେ ଏହାର ଶୁଟିଂ ପାଇଁ ରାଜି ହେବି, ଯଦି ତାହା ନ ହୁଏ ତେବେ ହୁଏତ ଗୋଟିଏ ଫିଲ୍ମ ମୁଁ ହାତଛଡା କରିପାରେ।'



ଆଲିଆ

# ସଦର ଥାନାରୁ ଇନ୍‌ସ୍ପେକ୍ଟର ସନା

**ଥ**ରେ ମନେ ପକାନ୍ତୁ ନା 'ଗୁଆ ଘିଅ' ଗୀତକୁ। ଏହି ଗୀତରେ ରାତାରାତି ଷ୍ଟାର ପାଲଟି ଯାଇଥିଲେ ବର୍ଷି ଆର. ସାମଲ ଓରଫ ଅନୁଗୁଳିଆ ବର୍ଷି। ଖୁବ୍ ଶୀଘ୍ର ତାଙ୍କୁ ବଡ ପରଦାରେ ଦେଖିବାକୁ ମିଳିବ। ଫିଲ୍ମଟି ହେଲା 'ସଦର ଥାନାରୁ ଇନ୍‌ସ୍ପେକ୍ଟର ସନା'। ଏକ କମେଡିଭିତ୍ତିକ କାହାଣୀକୁ ନେଇ ଏହାର ନିର୍ମାଣ କରାଯାଇଛି, ଯେଉଁଥିରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା ମଧ୍ୟ ରହିଛି। ନବାଗତ ପ୍ରଯୋଜକ ସୁଶୀଲ କୁମାର ବାରିକ ଏବଂ ସୁଦୀପ୍ତ ଷ୍ଟାଲିନ୍ ମହାପାତ୍ର ଫିଲ୍ମଟିର ପ୍ରଯୋଜନା କରିଥିବା ବେଳେ ଲାଇନ୍ ପ୍ରଯୋଜକ ଅଛନ୍ତି ଦୀପକ ଜେନା। ଏହାର ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି 'ତୁ ମୋ ସାଥୀରେ', 'ଦୁର୍ଗତି ନାଶିନୀ' ଏବଂ 'ପ୍ରସ୍ଥାନମ୍'ର ନିର୍ଦ୍ଦେଶକ 'ରାଜା ଡି। ପୁଷ୍ପକ ପରିଡା ଏବଂ ରଞ୍ଜନ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆସାଦ ନିଜାମ। ଏସ.ଏସ. କ୍ରିଏଟିଭ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଏହି ଚିତ୍ରରେ ବର୍ଷିଙ୍କ ବ୍ୟତୀତ ଅର୍ଚ୍ଚିତା ମହାନ୍ତି, ପ୍ରଯୋଜକ ସୁଶୀଲ କୁମାର ବାରିକ, ହରିହର ମହାପାତ୍ର, ଶୈଳେନ୍ଦ୍ର ସାମନ୍ତରାୟ ଏବଂ ଆକାଶ ହୋତା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ତେବେ ବଡ ପରଦାରେ ବର୍ଷି କି କମାଲ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



ଚଳଚ୍ଚିତ୍ର 'ସଦର ଥାନାରୁ ଇନ୍‌ସ୍ପେକ୍ଟର ସନା'ରେ ବର୍ଷି-ଅର୍ଚ୍ଚିତା



ପୂଜା



ତାରା

# କାନ୍ଦି ପକାଇଥିଲେ ତାରା

**ଜୀ**ବନର ଯେକୌଣସି ପ୍ରଥମ କଥାକୁ ଭୁଲିବା ଏତେ ସହଜ ନୁହେଁ। ଆଉ ସେଥିରୁ ବା ତାରା ସୁଟାରିଆ ବାଦ୍ ପଡନ୍ତେ କିପରି ? ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ବେଳେ ସେ ନିଜ ର୍ୟାମ୍ପ ଶୋ'ର ଅନୁଭୂତି ବିଷୟରେ ବଖାଣିଥିଲେ। ଏ ନେଇ ତାରା କହନ୍ତି, 'ଥରେ ଏକ ର୍ୟାମ୍ପ ଶୋ'ରେ ମୁଁ ପ୍ରଥମ ଥର ପାଇଁ ଭାଗ ନେଇଥିଲି। ଯେତେବେଳେ ଷ୍ଟେଜ୍ ଉପରକୁ ଗଲି ସେତେବେଳେ ନର୍ଭସ ହୋଇପଡିଥିଲି। ଆଉ କେତେବେଳେ ମୁଁ ପରଫରମାନ୍ସ ସାରି ଗ୍ରୀନ୍ ରୁମ୍‌କୁ ଆସିଛି ତାହା ଜାଣିପାରି ନ ଥିଲି। ଶୋ' ଶେଷ ହେବା ପରେ ମୁଁ ବାହାରକୁ ଆସିଲି। ଉପସ୍ଥିତ ଦର୍ଶକମାନେ ଯେତେବେଳେ ମୋତେ ପ୍ରଶଂସା କରିବାକୁ ଆରମ୍ଭ କଲେ ସେତେବେଳେ ମୁଁ ଏତେ ଖୁସି ହୋଇଯାଇଥିଲି ଯେ ମୋ ଆଖିରୁ ଲୁହ ଗଡି ପଡିଥିଲା। ହେଲେ କିଛି ସମୟ ପରେ ସାଧାରଣ ଅବସ୍ଥାକୁ ଆସି ସେମାନଙ୍କୁ ଧନ୍ୟବାଦ ଦେବାକୁ ଭୁଲି ନ ଥିଲି। ଏହି ର୍ୟାମ୍ପ ଶୋ'ର ଅନୁଭୂତି ମୋ ମନରେ ସବୁବେଳେ ସତେଜ ହୋଇ ରହିବ।' ତାରାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ରୁ। ମାତ୍ର ଚାରି ବର୍ଷ ଭିତରେ ସେ 'ମରଜାୱାଁ', 'ତଡପ୍', 'ହେରୋପନ୍ତୀ-୨' ଏବଂ 'ଏକ ଭିଲେନ୍ ରିଟର୍ନସ'ରେ ଅଭିନୟ କରିସାରିଛନ୍ତି।

# ଖୋଜାଚାଲିଛି ନିର୍ଦ୍ଦେଶକ

**ହୃ**ତିକ ରୋଶନଙ୍କ ମନ ଏବେ ଗୋଟିଏ କଥାରେ ଲାଖି ରହିଛି। ସେ ହେଉଛି ତାଙ୍କର ନୂଆ ସିନେମାର ନିର୍ଦ୍ଦେଶନା କିଏ ଦେବ। କଥା କ'ଣ କି ହୋମ୍ ବ୍ୟାନରରେ ନୂଆ ସିନେମା 'କ୍ରିସ୍-୪'ର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏହାର ନିର୍ଦ୍ଦେଶନାର ଦାୟିତ୍ୱ ସେ ଜଣେ ନାମୀ ନିର୍ଦ୍ଦେଶକଙ୍କୁ ଦେବାକୁ ଚାହୁଁଛନ୍ତି। ହେଲେ ଏ ନେଇ କାହାକୁ ଫାଇନାଲ କରିପାରୁନାହାନ୍ତି। ଏ ସମ୍ପର୍କରେ ହୃତିକ କହନ୍ତି, 'କ୍ରିସ୍-୪'ର ପ୍ରାରମ୍ଭିକ କାମ ଚାଲୁ ରହିଛି। ହେଲେ କାହାଣୀ ଅନୁସାରେ ଜଣେ ନାମୀ ନିର୍ଦ୍ଦେଶକ ସନ୍ଧାନରେ ଅଛି। କାରଣ ପାପା (ରାକେଶ ରୋଶନ) କିଛି କାରଣରୁ ଏହାର ନିର୍ଦ୍ଦେଶନା ଦେବେ ନାହିଁ ବୋଲି କହିଛନ୍ତି। ତେଣୁ ଜଣେ ନୂଆ ନିର୍ଦ୍ଦେଶକ ଖୋଜୁଛି। ଏହାର କାହାଣୀରେ ରୋମାଞ୍ଚ ରହିଛି। ଏଥର ମଧ୍ୟ ଦର୍ଶକ ମୋତେ ଏକ ଭିନ୍ନ ଅବତାରରେ ଦେଖିବାକୁ ପାଇବେ।'' ଅନ୍ୟପକ୍ଷରେ ହୃତିକ ଖୁବ୍ ଶୀଘ୍ର ୱେବ୍ ସିରିଜ୍‌ରେ ଅଭିନୟ କରିବାକୁ ଯାଉଛନ୍ତି। ୱେବ ସିରିଜ୍‌ରେ ତାଙ୍କୁ କେତୋଟି ଅଫର ମିଳିବା ପରେ ସେ ଏ ନେଇ ଚିନ୍ତା କରୁଛନ୍ତି ବୋଲି ସୂଚନା ଦେଇଛନ୍ତି। ହୃତିକଙ୍କ ଅଭିନୀତ ପ୍ରଥମ ସିନେମା ଥିଲା ୨୦୦୦ ମସିହାରେ ରିଲିଜ ହୋଇଥିବା 'କହୋ ନା ପ୍ୟାର ହେ'। ରାକେଶ ରୋଶନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅମୀଷା ପଟେଲ ମଧ୍ୟ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ସେ ବଲିଉଡରେ ଏବେ ୨୨ ବର୍ଷ ପୂରଣ କରିଛନ୍ତି।



ହୃତିକ

# ପୂଜାଙ୍କ ଖୁସି

**ପୂ**ଜା ହେଗଡେଙ୍କ ଖୁସି ଏବେ କହିଲେ ନ ସରେ। କାରଣ ସଲମାନ ଏବଂ ସେ ଅଭିନୟ କରିଥିବା ନୂଆ ସିନେମା 'କିସିକା ଭାଇ କିସିକା ଜାନ୍'ର ପ୍ରଥମ ଟିଜର ବେଶ୍ ଭାଇରାଲ ହୋଇଛି। ଏକଥା ଜାଣିବା ପରେ ପୂଜାଙ୍କ ଖୁସି ବନ୍ଧବାଡ ମାନୁନି। ଏ ନେଇ ସେ କହନ୍ତି, 'ଶୁଟିଂ ସମୟରେ ମୁଁ ଥରେ ସଲମାନଙ୍କୁ କହିଥିଲି, କେବଳ ଏହି ଫିଲ୍ମ ନୁହେଁ, ଏହାର ଟିଜର ମଧ୍ୟ ହିଟ୍ ହେବ। ଟିଜରକୁ ଯେପରି ଦର୍ଶକ ଗ୍ରହଣ କରିଛନ୍ତି ମୋର ଦୃଢ଼ ବିଶ୍ୱାସ ଫିଲ୍ମଟି ମଧ୍ୟ ସେମାନଙ୍କ ମନକୁ ଛୁଇଁବ।' ଏହି ଚଳଚ୍ଚିତ୍ର ଛଡା ସମାଜ ସେବା ଉପରେ ପର୍ଯ୍ୟବସିତ ଏକ ଫିଲ୍ମରେ ବି ପୂଜା ଅଭିନୟ କରିବାକୁ ଯାଉଛନ୍ତି। ଯଦିଓ ଏହାର ଟାଇଟଲ ଫାଇନାଲ ହୋଇନାହିଁ, ହେଲେ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏଥିରେ ଜଣେ ଗାଁଉଲି ନାରୀ ଭୂମିକାରେ ତାଙ୍କୁ ଦେଖିବାକୁ ମିଳିବ। ତା'ସହ ସେ ସମାଜସେବା କରିବାକୁ ବି ଆଗଭର ହୋଇଛି। ହେଲେ ଏକ ନିପଟ ମଫସଲରେ ତାହାର ପ୍ରକୃତ ଅର୍ଥକୁ ଅନେକ ବୁଝିବାକୁ ନାରାଜ। ଏପରି କି ନିଜ ପରିବାରର କିଛି ସଦସ୍ୟ ମଧ୍ୟ ତାକୁ ବିରୋଧ କରିଛନ୍ତି। ହେଲେ ଦୃଢ଼ମନା ସେହି ନାରୀ ନିଜ ଲକ୍ଷ୍ୟ ସାଧନ କରିବାକୁ ଅଣ୍ଟା ଭିଡିଛି। ସେ ନିଜ ଜୀବନକୁ ବାଜି ଲଗାଇବାକୁ ମଧ୍ୟ ପଛାଉ ନାହିଁ। ଶେଷରେ ଏହି ନାରୀ ନିଜ ଲକ୍ଷ୍ୟ ସ୍ଥଳରେ କିପରି ପହଞ୍ଚୁଛି ତାହା ସିନେମାରେ ଦେଖିବାକୁ ମିଳିବ।

# କଞ୍ଚା ନିମ୍ବୁ

**ଆ**ଦିତି ଜଣେ ଗାଉଁଲି ଝିଅ। ତା' ଉପରେ ଗ୍ରାମବାସୀଙ୍କର ଅନେକ ଆଶା ରହିଛି। ତେଣୁ ସେମାନଙ୍କର କିଛି ସୁବିଧା ଅସୁବିଧା ହେଲେ ସେମାନେ ଆଦିତିର ସାହାଯ୍ୟ ଲୋଡନ୍ତି। ତେବେ ନିଜର ଲକ୍ଷ୍ୟ ପଥରେ ଚାଲିବା ସମୟରେ ଅନେକ ବାଧାବିଘ୍ନ ଆସିଛି, ଯାହାକୁ ସେ ସାହସର ସହ ସାମନା କରିଛି। ବିଶେଷଭାବରେ ଜଣେ ଗାଉଁଲି ଝିଅ ନିଜ ବୁଦ୍ଧି ବଳରେ କିପରି ସମସ୍ତଙ୍କ ପ୍ରିୟପାତ୍ର ହୋଇପାରେ ତାହା ଏହି ଫିଲ୍ମରେ ଦେଖିବାକୁ ମିଳିଛି, ଯାହାର ଟାଇଟଲ ରହିଛି 'କଞ୍ଚା ନିମ୍ବୁ'। ଏଭଳି ଏକ ସାମ୍ପ୍ରତିକ କାହାଣୀକୁ ଆଧାର କରି ନିର୍ମିତ ଫିଲ୍ମଟି ଅନ୍ତର୍ଜାତୀୟ ଚଳଚ୍ଚିତ୍ର ସମାରୋହରେ ଜୁରୀମାନଙ୍କୁ ପ୍ରଭାବିତ କରିପାରିବ ବୋଲି ଆଶା ରଖିଛନ୍ତି ଏହାର ନିର୍ଦ୍ଦେଶକ ଶୁଭମ ଯୋଗୀ। ଏହି ଫିଲ୍ମ ବିଷୟରେ ସେ କହନ୍ତି, 'ଯେତେବେଳେ ମୁଁ ଏପରି କାହାଣୀକୁ ନେଇ ସିନେମା ନିର୍ମାଣ କରିବାକୁ ଆଗେଇଲି ମୋତେ କେତେ ଜଣ ସାଙ୍ଗ କହିଥିଲେ ଯେ ଏପରି କାହାଣୀକୁ ବର୍ତ୍ତମାନ ଦର୍ଶକ ପସନ୍ଦ କରିବେ ନାହିଁ। କିନ୍ତୁ ମୋର ଦୃଢ଼ ବିଶ୍ୱାସ ଥିଲା ଯେ ଏହି କାହାଣୀରେ ଯେଉଁ ମସଲା ରହିଛି ତାହା ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁ ପାରିବ। ଶୁଟିଂ ସମୟରେ କାହାଣୀକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦିଆଯାଇପାରିବ ସେ ନେଇ ଚେଷ୍ଟା କରିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ। ପ୍ରଥମ ଥର ପାଇଁ ନିର୍ଦ୍ଦେଶନା ପରି ଗୁରୁ ଦାୟିତ୍ୱ ତୁଲାଇଛି। ହୁଏତ କିଛି ଭୁଲ ଭଟକା ଥାଇପାରେ। ହେଲେ ନିଜର କାମ ଉପରେ ମୋର ଯଥେଷ୍ଟ ଭରସା ରହିଛି।' ଏହି ଫିଲ୍ମର ମୁଖ୍ୟ ଭୂମିକାରେ ରାଧିକା ମଦନ, ରଜତ ବରମେଚା ଏବଂ ଆୟୁଷ ମେହେରା ଅଭିନୟ କରିଛନ୍ତି।

# ଠାକୁରଙ୍କୁ ଭୋଗ ଦେଇଥିଲି ଆଉ ବାବା, ମା'ଙ୍କ ପାଇଁ ଘଣ୍ଟା କିଣିଥିଲି

## ପ୍ରଥମ ରୋଜଗାର



ଅଭିନେତା ଅନନ୍ତ ନାରାୟଣ ରଥ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**କ**ଟକରେ ମୋର ଜନ୍ମ। ଯଦିଓ ମୋ ବାବା ରାମକୃଷ୍ଣ ରଥଙ୍କର ଜନ୍ମସ୍ଥାନ ବାଲେଶ୍ୱରର ନୀଳଗିରି। କିନ୍ତୁ ନିଜର କର୍ମଭୂମି ଭାବେ କଟକକୁ ବାଛି ସେ ନିଜର ଓକିଲାତି ଜୀବନ ୧୯୮୦ରୁ ଓଡ଼ିଶା ଉଚ୍ଚନ୍ୟାୟାଳୟରେ ଆରମ୍ଭ କରିଥିଲେ। ସେଥିପାଇଁ ମୋର ଜନ୍ମ, ବଢ଼ିବା ଓ ପାଠପଢ଼ା ସବୁ କଟକରେ। ପ୍ରଥମେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ପରେ ଐତିହାସିକ ରେଭେନ୍ସା କଲେଜିଏଟ ସ୍କୁଲରୁ ହାଇସ୍କୁଲ ଶିକ୍ଷା ସମାପ୍ତ କରି କଟକର ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟରୁ ଯୁକ୍ତ ଦୁଇ, ଖ୍ରୀଷ୍ଟମହାବିଦ୍ୟାଳୟରୁ ବିଜ୍ଞାନରେ ସ୍ନାତକ ଓ ଦି ଲ' କଲେଜ, କଟକରୁ ଆଇନରେ ସ୍ନାତକ ଶିକ୍ଷା ସମାପ୍ତ କରିଥିଲି। ପିଲାବେଳୁ ମୋର ପାଠପଢ଼ା ଅପେକ୍ଷା ଖେଳକୁଦ, ଅଭିନୟ, ନୃତ୍ୟ, ସଙ୍ଗୀତ ପ୍ରତି ବିଶେଷ ଆଗ୍ରହ ଥିଲା। ସ୍କୁଲରେ ଏକକ ଅଭିନୟ, ବକ୍ତୃତା, କୌତୁକ ପୋଷାକ ପ୍ରତିଯୋଗିତା ଆଦିରେ ଭାଗ ନେଉଥିଲି। ଅଭିନୟ ପ୍ରତି ଅତ୍ୟଧିକ ଆକର୍ଷଣ ଯୋଗୁ ସ୍ନାତକ ପରେ କଟକସ୍ଥିତ ଅନ୍ନପୂର୍ଣ୍ଣା ଥିଏଟରରେ ନାଟକ କରିବା ଆରମ୍ଭ କରିଦେଇଥିଲି। ଦୀର୍ଘ ଦେଢ ବର୍ଷ ମଞ୍ଚ ନାଟକରେ ଅଭିନୟ ପରେ କଲର୍ସ ଓଡ଼ିଆରେ ପ୍ରସାରିତ ଅଭିନୟଭିତ୍ତିକ ରିଆଲିଟି ଶୋ 'ମିଠା ମିଠା ଯୋଡ଼ି'ରେ ଅଂଶଗ୍ରହଣ କରିଥିଲି। ସଂଯୋଗକ୍ରମେ ଟପ୍ ଟେନ୍‌ରେ ସ୍ଥାନ ପାଇଥିଲି। ତେବେ କିଛିଦିନର ବ୍ୟବଧାନ ପରେ ୨୦୧୬ରେ ସେହି କଲର୍ସ ଓଡ଼ିଆ ଚ୍ୟାନେଲରେ ମୋର ପ୍ରଥମ ମେଗାଧାରାବାହିକ 'ତୁଳସୀ'ରେ ଭେଟେରାନ୍ କଳାକାର ମିହିର ଦାସ, ପ୍ରିୟଙ୍କା ମହାପାତ୍ର ଓ ଅନ୍ୟାନ୍ୟ ବରିଷ୍ଠ କଳାକାରଙ୍କ ସହ ଅଭିନୟ କରିବାର ସୁଯୋଗ ପାଇଥିଲି। ଆଉ ଯେବେ ପ୍ରଥମ ମାସର ପାରିଶ୍ରମିକ ଭାବେ ୭,୨୦୦ ଟଙ୍କା ଚେକ୍ ଆକାରରେ ମିଳିଲା ସେଦିନ ମୋ ଖୁସିର ସୀମା ନ ଥିଲା। ସେହି ଅନୁଭୂତି ଆଜିବି ଅବର୍ଣ୍ଣନୀୟ। ମୁଁ ମୋ ଅଭିନୟ ଦକ୍ଷତା ମାଧ୍ୟମରେ ଜୀବନର ପ୍ରଥମ ରୋଜଗାର କରିଥିଲି। ମୋ ମା' ଶର୍ମିଷ୍ଠା ଦାଶ ସବୁବେଳେ କୁହନ୍ତି, ଯାହାବି ରୋଜଗାର କରିବ ତା'ର ଅଗ୍ରଭାଗ ପ୍ରଥମେ ଠାକୁରଙ୍କୁ ଦେବ। ସେଥିପାଇଁ ଚେକ୍ କ୍ଲିୟର ହେଲାପରେ ସେହି ଟଙ୍କାରେ ଘରେ ଠାକୁରଙ୍କ ନିକଟରେ ଭୋଗ ଅର୍ପଣ କରିଥିଲି। ପରେ ମୋ ଆଇନଜୀବୀ ବାବାଙ୍କ ପାଇଁ ଧଳା ଶାର୍ଟ, କଳା ପ୍ୟାଣ୍ଟ, କଳା ଜୋତା, ସୋନାଟା ଘଣ୍ଟା କିଣି ମା'ଙ୍କୁ ନେଇ ଦେଇଥିଲି ଏବଂ ଏହାକୁ ବାବାଙ୍କୁ ଦେବାପାଇଁ କହିଥିଲି। ମା'ଙ୍କର ବିଶେଷ ଅନୁରୋଧ ଥିଲା ତାଙ୍କ ଲାଗି କିଛି ନ ଆଣି କେବଳ ବାବାଙ୍କ ପାଇଁ ଯାହା ଆଣିବାକୁ ଏବଂ ଅବଶିଷ୍ଟ ଟଙ୍କା ସେଭିଂ କରିବାକୁ। କିନ୍ତୁ ମୋ ମନ ମାନିଲାନି। ମା'ଙ୍କ ଲାଗି ବି ଗୋଟିଏ ସୋନାଟା ଘଣ୍ଟା ଆଣିଥିଲି। ଅବଶିଷ୍ଟ କିଛି ଟଙ୍କାରେ ବଡ଼ ଭାଇନାଙ୍କ ପାଇଁ ଖାଇବା ଜିନିଷ ଆଣିଥିଲି। ଏହାଥିଲା ମୋ ପ୍ରଥମ ରୋଜଗାରର କିଛି ବିଶେଷ ମୁହୂର୍ତ୍ତ। ତା'ପରଠୁ ଆଜି ପର୍ଯ୍ୟନ୍ତ ମୁଁ ପାଞ୍ଚଟି ମେଗାଧାରାବାହିକ ଓ ଦୁଇଟି ସିନେମାରେ ଅଭିନୟ କରିସାରିଲିଣି। ସମୟକ୍ରମେ ପାରିଶ୍ରମିକ ମଧ୍ୟ ବଢିଛି। ଆଉ ଗୋଟିଏ ବଡ଼ ଆନନ୍ଦର କଥା ମୁଁ ଆଉ ମୋର ଅନ୍ୟ ଦୁଇ ସାଥୀ କଳାକାର ଭାଇ ମିଶି ୨୦୧୮ରେ ଯୁଗପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ଭବ୍ୟ ସତ୍‌ସଙ୍ଗର ଆୟୋଜନ କରିଥିଲୁ। ଯେହେତୁ ଶ୍ରୀଶ୍ରୀଠାକୁରଙ୍କୁ ଗୁରୁ ଭାବରେ ଗ୍ରହଣ କରିଛି ତାହା ମୋତେ ବ୍ୟକ୍ତିଗତ ଆତ୍ମସନ୍ତୋଷ ଦେଇଥିଲା ଏବଂ ମୋ ଯୋଗ୍ୟତା ବଢାଇଥିଲା। ତେଣୁ ରୋଜଗାରର କିଛି ଅଂଶକୁ ନିଜର ଲୋକଙ୍କୁ ଯଥାସମ୍ଭବ ସାହାଯ୍ୟ କରିବାରେ ଚେଷ୍ଟା କରିଥାଏ। ସେଥିରେ ମୋତେ ଆନନ୍ଦ ମିଳିଥାଏ।

# ଲାଜରେ ରହିଛି ଅନେକ କଥା, ଭାବନାରେ ଘୁରି ଯାଉଛି ମଥା

**ପ୍ରଶ୍ନ–** ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ଯାହା ଅନୁମାନ କରୁଛି ସେ ମୋତେ ପ୍ରେମର ଇସାରା ଦେଉଛି। କ'ଣ କରିବି ?

*–ଶୁଭାଶିଷ ସାହୁ, ବ୍ରହ୍ମପୁର*

**ଉତ୍ତର:** ସୁନ୍ଦରୀ ଲାଜରେ ଅନେକ କଥା ଲୁଚି ରହିଥାଏ। ସେଠାରେ ଯେଉଁ ଭିତିରି କଥା ଲୁଚି ରହିଛି ତାହାକୁ ସହଜରେ ପଢ଼ି ହୁଏନା। ଟିକେ ମଗଜ ଖଟାଇଲେ ପ୍ରେମର ମହ ମହ ବାସ୍ନା ସେଥିରୁ ଅନୁଭବ କରିପାରିବେ। ହେଲେ ତାହା କେତେ ସମୟ ସ୍ଥାୟୀ ପ୍ରଥମେ ତର୍ଜମା କରନ୍ତୁ। 'ଲାଜରେ ରହିଛି ଅନେକ କଥା, ଭାବନାରେ ଘୁରି ଯାଉଛି ମଥା'। ଗୋଟିଏ କଥା ସବୁବେଳେ ମନେ ରଖିବେ–ପ୍ରେମରେ ସବୁବେଳେ ଶୁଭସ୍ୟ ଶୀଘ୍ରମ। ଯଦି ବିଳମ୍ବ କରି ଦିଅନ୍ତି, ତେବେ ଏହି ସୁଯୋଗର ଫାଇଦା ହୁଏତ ଅନ୍ୟ କେହି ନେଇଯାଇପାରେ। ସେହି ସୁନ୍ଦରୀ ଲାଜରେ ଯଦି ପ୍ରେମ ପାଇଁ ସେପଟୁ ଗ୍ରୀନ୍ ସିଗନାଲ ରହିଛି, ତେବେ ଯେତେ ଶୀଘ୍ର ପାରିବେ ବହି ଫିଟ୍ କରିଦିଅନ୍ତୁ। ପରେ ଭାବିଲା ବେଳକୁ ହୁଏତ ଘଟଣା ଓଲଟି ଯିବାର ଚାନ୍ସ ରହିଛି।

**ପ୍ରଶ୍ନ–**ମୋତେ ଯିଏ ପ୍ରେମ କରୁଛି, ସେ ମୋତେ ବ୍ଲାକମେଲିଂ କରିବା ଭଳି ଲାଗୁଛି। ଏ ନେଇ ମୋତେ କିଛି ଉପାୟ ବତାଇବେ କି ସାଥୀ ?

*–ପ୍ରଦୀପ ରାଉତ, କେନ୍ଦ୍ରାପଡା*

**ଉତ୍ତର:**ଆପଣଙ୍କ ପ୍ରଶ୍ନରୁ ଯାହା ଜଣାପଡୁଛି ଆପଣ ପ୍ରେମ ଆକାଶରେ ତ୍ରିଶଙ୍କୁ ପରି ଝୁଲି ରହିଛନ୍ତି। ପ୍ରେମକୁ ନେଇ ଯେତେବେଳେ ମନରେ ସନ୍ଦେହର ବାଦଲ ଭାସିବୁଲେ ସେତେବେଳେ ପାଣିପାଗ ବିଗିଡିବା ଆରମ୍ଭ କରେ। ଆରମ୍ଭରୁ ମିଠା ଲାଗୁଥିବା ପ୍ରେମର ସ୍ୱାଦ ଚାହୁଁ ଚାହୁଁ ପିତା ଲାଗେ। ପ୍ରେମ ହୋଇଯାଏ ରଙ୍ଗହୀନ, ସ୍ୱାଦହୀନ। ସେପରି ପ୍ରେମକୁ ଭରସା କରି ଆଗେଇଲେ ତାହା ମରିଚିକା ପଛରେ ଦଉଡିବା ଭଳି ହୋଇଥାଏ। ତେଣୁ ଯଦି ଜାଣୁଛନ୍ତି ଯେ ସେହି ପ୍ରେମିକା ଆପଣଙ୍କୁ ବ୍ଲାକ୍‌ମେଲିଂ କରିବା ଆରମ୍ଭ କଲାଣି ତେବେ ତାହାର ଜଲଦି କିଛି ବ୍ୟବସ୍ଥା କରନ୍ତୁ। ନ ହେଲେ ନେଡି ଗୁଡ କହୁଣୀକୁ ବୋହି ଗଲେ

> "ପ୍ରେମକୁ ନେଇ ଯେବେ ମନରେ ସନ୍ଦେହର ବାଦଲ ଭାସିବୁଲେ ସେତେବେଳେ ପାଣିପାଗ ବିଗିଡିବା ଆରମ୍ଭ କରେ। ଆରମ୍ଭରୁ ମିଠା ଲାଗୁଥିବା ପ୍ରେମର ସ୍ୱାଦ ଚାହୁଁ ଚାହୁଁ ପିତା ଲାଗେ। ପ୍ରେମ ହୋଇଯାଏ ରଙ୍ଗହୀନ, ସ୍ୱାଦହୀନ। ସେପରି ପ୍ରେମକୁ ଭରସା କରି ଆଗେଇଲେ ତାହା ମରିଚିକା ପଛରେ ଦଉଡିବା ଭଳି ହୋଇଥାଏ।"

କେବଳ ଅନୁତାପ କରିବା ହିଁ ସାର।

**ପ୍ରଶ୍ନ–**ପ୍ରେମର ସୃଷ୍ଟି କେମିତି ହୁଏ ? ପ୍ରକୃତରେ ପ୍ରେମ କିପରି ଆରମ୍ଭ ହୁଏ ତାହା କହିବେ କି ସାଥୀ ?

*–ଦେବାଶିଷ, ପୁରୀ*

**ଉତ୍ତର:** ପ୍ରେମର ଆରମ୍ଭ କେମିତି ହୁଏ ତାହା ତର୍ଜମା କଲେ କଥାଟି ବୁଢ଼ିଆଣୀ ସୂତା ପରି ଲମ୍ୱି ଚାଲିବ। ପ୍ରେମ କରିବା ପୂର୍ବରୁ ମନ ପ୍ରଥମେ ପରିଷ୍କାର ରଖନ୍ତୁ। ଯାହାକୁ ମନ ତାକୁ ପ୍ରପୋଜ କଲେ ଯେ ଆପଣଙ୍କର ମନସ୍କାମନା ପୂରଣ ହେବ ତାହା ଭାବିବା ଠିକ୍ ନୁହେଁ। ତେଣୁ ଏପରି ମନ ସହ ମନ ଫିଟ୍ କରନ୍ତୁ, ଯେମିତି ତାହା ଲାଇଫ୍ ଲଙ୍ଗ୍ ଯୋଡି ହୋଇ ରହିବ।

**ପ୍ରଶ୍ନ–**ମୋ ମନ କଥା ଜଣେ ସୁନ୍ଦରୀକୁ କେମିତି କହିବି ଜାଣିପାରୁନାହିଁ। ହେଲେ ସେ ମୋତେ ଯେତେବେଳେ ଦେଖୁଛି ହସି ଦେଇ ଚାଲି ଯାଉଛି। କ'ଣ କରିବି ?

*–ବିନୟ କୁମାର, ରାଉରକେଲା*

**ଉତ୍ତର:** କେବଳ ବସି ଭାବିଲେ ପ୍ରେମ ହୁଏନା। ଏଥିପାଇଁ ବୁଦ୍ଧି ଖଟାଇବାକୁ ପଡିଥାଏ। ଏପଟେ ଏମିତି ଆପଣ ଭାବୁଥିବେ, ହେଲେ ସେପଟେ ହୁଏତ ସେହି ସୁନ୍ଦରୀ ଆଉ କାହା ମନରେ ବସା ବାନ୍ଧି ସାରିବଣି। ତେଣୁ ବିଳମ୍ବ କରୁଛନ୍ତି କିଆଁ ? ଯଦି ପାଣିପାଗ ଠିକ୍ ଅଛି ତେବେ ସେହି ସୁନ୍ଦରୀକୁ ମନର କଥା କହି ଦିଅନ୍ତୁ। ଯଦି ସେପଟୁ ସିଗନାଲ ମିଳିଗଲା ତେବେ କେବଳ ଧାଡି ଦେଖି ଆଗକୁ ମାଡି ଯିବା କଥା।



ସାଥୀ



# ଅଜବ ସନ୍ତୁଳନ



ୱାଙ୍ଗ ୟେକୁନ, ଜଣେ ଇଲେକ୍ଟ୍ରିସିଆନ୍। ହେଲେ ସଉକ ତାଙ୍କର ବିଭିନ୍ନ ଜିନିଷକୁ ଗୋଟିକ ଉପରେ ଗୋଟିଏ ସନ୍ତୁଳନ ରକ୍ଷା କରି ଠିଆ କରିବା। ଏମିତିକି ସେ ହାତ ପାହାନ୍ତାରେ ଯାହା ବି ପାଆନ୍ତି ସେଗୁଡିକୁ ସନ୍ତୁଳନ ରକ୍ଷା କରି ସଜାଡି ରଖିବାକୁ ଚେଷ୍ଟା କରନ୍ତି। ତାଙ୍କର ଏଇ କରତବକୁ ଦେଖିଲେ ଜାଦୁ ଦେଖିବା ପରି ମନେ ହେବ। କାରଣ କେହି ଚିନ୍ତା ନ କରିପାରିବା ଭଳି ସେ ଗୋଟିଏ ଛୋଟିଆ ଜିନିଷ ଉପରେ ଏକ ବଡ଼ ଜିନିଷକୁ ବେଶ୍ ଆରାମରେ ସନ୍ତୁଳନ ରକ୍ଷା କରି ରଖିପାରନ୍ତି। ଏଭଳି ରଖିବା ପାଇଁ ତାଙ୍କୁ ଘଣ୍ଟା ଘଣ୍ଟା ସମୟ ଲାଗିବା ସହ ଅସୀମ ଧୈର୍ଯ୍ୟର ବି ଆବଶ୍ୟକତା ପଡେ। ସେ ଏକ କାଚର ବିୟର ବୋତଲ ଉପରେ ଏକ ସିଲେଇ ମେସିନ୍ ଓ ଏକ ବଡ଼ ଗ୍ୟାସ୍ ସିଲିଣ୍ଡର ବି ରଖିପାରନ୍ତି। ୨୦୧୭ରୁ ୱାଙ୍ଗ





ଏହି ସନ୍ତୁଳନ ରକ୍ଷା କରି ଜିନିଷ ରଖିବା କାମ ଆରମ୍ଭ କରିଥିଲେ। ଆଉ ତାଙ୍କ କାରନାମାର ଭିଡିଓ ସୋସିଆଲ ମିଡିଆରେ ଅପ୍‌ଲୋଡ ବି କଲେ। ଫଳରେ ଏବେ ସେ ବେଶ୍ ପରିଚିତ ମୁହଁ ପାଲଟିବା ସହ ତାଙ୍କର ମିଲିୟନ ମିଲିୟନ ଫଲୋୟର୍ ଅଛନ୍ତି। ଏଭଳି ସନ୍ତୁଳନ ରକ୍ଷା କରି ରଖିବାବେଳେ ଅନେକ ବିୟର ବୋତଲ ଭାଙ୍ଗି ଥାଏ। ତଥାପି ସେ ଚେଷ୍ଟା ଜାରି ରଖନ୍ତି। ଆଉ ମାଧ୍ୟାକର୍ଷଣ ଶକ୍ତି ବିପରିତ ସନ୍ତୁଳନ ରକ୍ଷା ଜିନିଷ ଉପରେ ଜିନିଷ ରଖିପାରନ୍ତି।



# ମଣିଷ ନା ଭୂତ

ଅନେକେ କୁହନ୍ତି ଭୁତର ପାଦ ପଛପଟକୁ ମୋଡି ହୋଇ ରହିଥାଏ। ମଣିଷ ଚାହିଁଲେ ବି ନିଜର ପାଦ ଓ ଗୋଡକୁ ଏତେଟା ମୋଡି ପାରିବ ନାହିଁ। ତେବେ ଲଣ୍ଡନର ମାକ୍ସୱେଲ ଡେ ନାମକ ଏକ କିଶୋର ନିଜ ପାଦକୁ ପଛକୁ ମୋଡି ଦେଇ ପାରନ୍ତି। ତାଙ୍କର ଏଭଳି କରତବ ଦେଖିଲେ ଯେ କେହି ବିସ୍ମିତ ହୋଇ ଯାଆନ୍ତି। ଅନେକେ ତ ଭାବନ୍ତି ଇଏ ମଣିଷ ନୁହନ୍ତି, ଭୁତ। ହେଲେ ମାକ୍ସୱେଲ ଆଦୌ ଭୁତ ନୁହନ୍ତି, କିନ୍ତୁ ତାଙ୍କ ପାଖରେ ଈଶ୍ୱରପ୍ରଦତ୍ତ ଏହି ସ୍ୱତନ୍ତ୍ରତା ରହିଛି। ସେ ନିଜର ପାଦକୁ ୧୫୭° ପର୍ଯ୍ୟନ୍ତ ମୋଡି ଦେଇ ପାରନ୍ତି, ଯାହା ଦେଖିବାକୁ ବେଶ୍ ଅଜବ ଲାଗେ। ଏହି ସ୍ୱତନ୍ତ୍ରତା ପାଇଁ ତାଙ୍କ ନାମ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ଲାର୍ଜେଷ୍ଟ ଫୁଟ୍ ରୋଟେସନ୍ ବର୍ଗରେ ସ୍ଥାନ ପାଇଛି।




## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ:ଓଡିଶା ଫ୍ୟାଶନ ଭିଲ୍ଲା

## ହାଃ ହାଃ

### ଅନ୍ଧ


ଏକ ଚୋର ଧରାପଡିବା ପରେ ଲୋକମାନେ କହିଲେ: ୟା'ର କାନ କାଟିଦିଅ।
ଚୋର: ଦୟାକରି ମୋ କାନ କାଟନି। ନହେଲେ ମୁଁ ଅନ୍ଧ ହେଇଯିବି।
ଲୋକମାନେ: ତୁ କ'ଣ ଆମକୁ ବୋକା ଭାବିଛୁ? କାନ କାଟିଲେ କ'ଣ କେହି ଅନ୍ଧ ହୁଅନ୍ତି?
ଚୋର: ଆଜ୍ଞା, କାନ କାଟିଦେଲେ ମୁଁ ଚଷମା କେମିତି ପିନ୍ଧିବି?

### ଅର୍ଥ

ସଂସ୍କୃତ ଶିକ୍ଷକ ପପୁଙ୍କୁ: କହିଲୁ ଦେଖି 'ତମସୋ ମା' ଜ୍ୟୋତିର୍ଗମୟ'ର ଅର୍ଥ କ'ଣ?
ପପୁ: ଏହାର ଅର୍ଥ ହେଉଛି-'ତମେ ଶୋଇଯାଅ ମା' ମୁଁ ଜ୍ୟୋତି ଘରକୁ ଯାଉଛି'।

### ଗଦ୍ଦର

ମା' କୁନି ପୁଅକୁ ଶୁଆଇବାବେଳେ: ଶୋଇପଡ ଧନ, ନହେଲେ ଗଦ୍ଦର ଆସିଯିବ।
ପୁଅ: ମତେ ୧୦୦ଟଙ୍କା ଦିଅ।
ମା': କାହିଁକି?
ପୁଅ: ନଦେଲେ ମୁଁ ବାପାଙ୍କୁ କହିଦେବି ଯେ, ସବୁଦିନ ରାତିରେ ଗଦ୍ଦର ଆସୁଛି ବୋଲି।







# ପବିତ୍ର ତୀର୍ଥଭୂମି ହୋଡଲ

**ହରିୟାଣାର ପଲ୍‌ୱଲ ଜିଲାରେ ଥିବା ହୋଡଲ ହେଉଛି ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଏଠାକାର ଶାନ୍ତ, ସୁନ୍ଦର ଓ ସ୍ୱଚ୍ଛ ପରିବେଶ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ସେଥିପାଇଁ ପ୍ରାୟତଃ ଏଠାରେ ଆଗନ୍ତୁକଙ୍କର ଭିଡ଼ ଦେଖିବାକୁ ମିଳିଥାଏ...**

**ହୋଡଲ** ହେଉଛି ହରିୟାଣାର ପଲ୍‌ୱଲ ଜିଲା ଅନ୍ତର୍ଗତ ଏକ ସହର। କୋଳାହଳମୟ ପରିବେଶରୁ ଦୂର ଏହି ସହରରେ ଦେଖିବାକୁ ମିଳିଥାଏ ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ବିଶେଷ କରି ଏଠାରେ ଥିବା ଚମେଲି ବଣ ହେଉଛି ଏକ ପବିତ୍ର ସ୍ଥାନ। ଏଠାରେ ଭଗବାନ ହନୁମାନଙ୍କୁ ସମର୍ପିତ ଏକ ମନ୍ଦିର ରହିଛି; ଯେଉଁଠାରେ ପ୍ରତି ମଙ୍ଗଳବାର ଦିନ ବଡ଼ ଧୁମଧାମରେ ପୂଜାର୍ଚ୍ଚନା କରାଯାଇଥାଏ। ଆଉ ଏହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତ ଏଠାକୁ ବୁଲି ଆସିଥାନ୍ତି।



### ଆଉ କ'ଣ ଦେଖିବେ

ଦିଲ୍ଲୀଠାରୁ ପ୍ରାୟ ୮୮ କି.ମି. ଏବଂ ଆଗ୍ରାଠାରୁ ପ୍ରାୟ ୧୫୦ କି.ମି. ଦୂରରେ ଅବସ୍ଥିତ ହୋଡଲ ଏବେ ଆର୍ଥିକ, ସାଂସ୍କୃତିକ, ଧାର୍ମିକ ତଥା ଶିକ୍ଷା କ୍ଷେତ୍ରରେ ବେଶ୍ ଅଗ୍ରଗତି ହେବାରେ ଲାଗିଛି। ସେହି ଦୃଷ୍ଟିରୁ ଦେଖିଲେ ଏଠାରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ଅନେକ ନୂଆ ନୂଆ ପର୍ଯ୍ୟଟନସ୍ଥଳୀମାନ ଗଢାଯାଉଛି। ତନ୍ମଧ୍ୟରୁ କେତୋଟି ମୁଖ୍ୟ ପର୍ଯ୍ୟଟନସ୍ଥଳୀ ଭିତରେ ଚମେଲି ବଣ ମନ୍ଦିର, କିଶୋରୀ ମହଲ, ସତୀ ସରୋବର, ଡବଚିକ୍, ଶିବମନ୍ଦିର, ପାଣ୍ଡବକାଳୀନ ମନ୍ଦିର, ତ୍ୟାଗୀବାବା ମନ୍ଦିର ଇତ୍ୟାଦି ହେଉଛି ଅନ୍ୟତମ। ଯେହେତୁ ଏଠାରେ ଏକାଧିକ ଧାର୍ମିକ ପୀଠ ଥିବାର ଦେଖାଯାଇଥାଏ; ତେଣୁ ହୋଡଲକୁ ଅନେକେ ଏକ ପବିତ୍ର ତୀର୍ଥଭୂମି ଭାବେ ବିବେଚନା କରିଥାନ୍ତି।




### ଦୁଃସାହସିକ ପର୍ଯ୍ୟଟନର ମଜା

ଦୁଃସାହସିକ କ୍ରୀଡ଼ା ପାଇଁ ହୋଡଲରେ ଅନେକ ସୁବିଧା ରହିଛି। ଖାସ୍ କରି ଟ୍ରେକିଂ, ହାଇକିଂ ଆଦି ଏଠାରେ ସୁବିଧାରେ କରି ହୋଇଥାଏ। ହେଲେ ବର୍ଷାଦିନେ ଏହି କ୍ରୀଡ଼ା ପାଇଁ ଟିକେ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ। ତା'ଛଡ଼ା ଏଠାରେ ଟିକେ ଜଙ୍ଗଲିଆ ପରିବେଶ ଥିବାରୁ ଅନେକ ପଶୁପକ୍ଷୀଙ୍କୁ ମଧ୍ୟ ଏଠି ଦେଖିହୁଏ।

### କେବେ ଯିବେ

ହୋଡଲକୁ ବର୍ଷର ଯେ କୌଣସି ସମୟରେ ବୁଲିଯିବାର ସୁବିଧା ଥିଲେ ହେଁ ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ଫେବୃୟାରୀରୁ ଏପ୍ରିଲ୍ ଏବଂ ଅଗଷ୍ଟରୁ ନଭେମ୍ବର ହେଉଛି ଏଠାକୁ ବୁଲିଯିବା ପାଇଁ ସବୁଠୁ ଉପଯୁକ୍ତ ସମୟ।

### କେମିତି ଯିବେ

ଦିଲ୍ଲୀ ଏବଂ ଗୁରୁଗ୍ରାମରୁ ହୋଡଲକୁ ବୁଲିଯିବା ପାଇଁ ଟୁରିଷ୍ଟ ବସ୍‌ର ବ୍ୟବସ୍ଥା ରହିଛି। ଏପିରିକି ଦିଲ୍ଲୀରୁ ନିୟମିତ ବ୍ୟବଧାନରେ ହୋଡଲ ଅଭିମୁଖେ ଟ୍ରେନ୍ ଚଳାଚଳ କରିଥାଏ। ତେଣୁ ପର୍ଯ୍ୟଟକ ଯେଉଁଥିରେ ସୁବିଧା ସେଥିରେ ଯାଇ ଆରାମରେ ହୋଡଲରେ ପହଞ୍ଚିପାରିବେ।





# ଧନୀ ପେଟ୍





ଗୁନ୍ଥର ୪

**ବଡ ବଙ୍ଗଳାରେ ରହିବା, ଦାମୀ ପୋଷାକ ପିନ୍ଧିବା, ସୁସ୍ୱାଦୁ ଖାଦ୍ୟ ଖାଇ ଅୟସରେ ଜୀବନ ବିତେଇବାର ସ୍ୱପ୍ନ ସମସ୍ତେ ଦେଖନ୍ତି ହେଲେ ଏ ସ୍ୱପ୍ନ କେବଳ ସ୍ୱପ୍ନ ହୋଇ ରହିଯାଏ ଅନେକଙ୍କ ପାଇଁ କିନ୍ତୁ କିଛି ପ୍ରାଣୀ ଅଛନ୍ତି ଯେଉଁମାନେ ଜିଉଁଛନ୍ତି ମଣିଷ ସ୍ୱପ୍ନ ଦେଖୁଥିବା ଏହିଭଳି ବିଳାସମୟ ଜୀବନ। ଆଉ ତାଙ୍କ ଲାଇଫ୍ ଷ୍ଟାଇଲ୍ ଦେଖିଲେ ମଣିଷ ବି କରିବେ ଇର୍ଷା...**



**ଗୁନ୍ଥର ୪:** ଜର୍ମାନ ଶେଫର୍ଡ ବ୍ରିଡ୍‌ର କୁକୁର ଗୁନ୍ଥର ୪ ହେଉଛି ପୃଥିବୀର ସବୁଠାରୁ ଧନୀ ପେଟ୍। ଏହି କୁକୁରଟି ୩୭୫ ମିଲିୟନ ଡଲାରର ମାଲିକ। କହିବାକୁ ଗଲେ ଗୁନ୍ଥର ୪ ହେଉଛି ଏକ ଭାଗ୍ୟବାନ କୁକୁର। ସେ ତା' ବାପା ଗୁନ୍ଥର ୩ଙ୍କର ଦାୟାଦ, ଯେକି ଜର୍ମାନ କାଉଣ୍ଟେସ୍ କାର୍ଲୋଟା ଲିବେନଷ୍ଟିନ୍‌ଙ୍କର ପେଟ୍ ଥିଲା। କାଉଣ୍ଟେସ୍ କାର୍ଲୋଟା ମୃତ୍ୟୁପୂର୍ବରୁ ନିଜ ସମ୍ପତିରୁ ୧୦୬ ମିଲିୟନ ଡଲାର ପ୍ରିୟ ପେଟ୍ ଗୁନ୍ଥର ୩ ନାମରେ କରିଦେଇଥିଲେ। ସେହି ଟଙ୍କାକୁ ତାଙ୍କ ଟ୍ରଷ୍ଟି ନିବେଶ କରିଥିଲେ। ଆଉ ସୌଭାଗ୍ୟକୁ ତାହା ତିନିଗୁଣା ବଢିଗଲା। ଫଳରେ ସେ ୩୭୫ ମିଲିୟନ ସମ୍ପତିର ମାଲିକ ପାଲଟିଗଲା। ତେବେ ଗୁନ୍ଥର ୩ର ମୃତ୍ୟୁ ପରେ ଦାୟାଦଭାବେ ଗୁନ୍ଥର ୪ ସେହି ସମ୍ପତ୍ତିର ମାଲିକ ପାଲଟିଯାଇଛି। ଆଉ ଏକ ଅୟସଭରା ଜୀବନ ଅତିବାହିତ କରୁଛି। ଗୁନ୍ଥର ୪ର ଏକ ମାନ୍‌ସନ୍ ବି ଅଛି, ଯାହା ହଲିଉଡର ସିଙ୍ଗର କମ୍ ଆକ୍ଟ୍ରେସ୍ ମଡୋନାଙ୍କର ଥିଲା।

**ନାଲା କ୍ୟାଟ୍:** ଏହି ବିଲେଇଟି ହେଉଛି ଏକ କ୍ୟାଟ୍ ଫୁଡ ବ୍ରାଣ୍ଡର ମାଲିକ। ୧୦୦ ମିଲିୟନ ଡଲାର ହେଉଛି ଏହାର ସମ୍ପତି। ନାଲାର ୪.୩ ମିଲିୟନ ଇନ୍‌ଷ୍ଟାଗ୍ରାମ ଫଲୋୟର ଅଛନ୍ତି। ସବୁଠାରୁ ଅଧିକ ଇନ୍‌ଷ୍ଟାଗ୍ରାମ ଫଲୋୟର୍ ଥିବାରୁ ତା'ର ନାମ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ବି ସ୍ଥାନ ପାଇଛି। ପୁକି ମେଥାଚିଟିଫାନ ଓ ଶାନନ୍ ଇଲିଶ ହେଉଛନ୍ତି ନାଲାର ମାଲିକ। ନୀଳ ଆଖିରେ ବେଶ୍ ସୁନ୍ଦର ଦେଖାଯାଉଥିବା ଏହି ବିଲେଇଟି ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ ଓ ଆପିୟରେନ୍ସ ଦେଇ ବର୍ଷକୁ ୬୨୫୦୦୦ ଡଲାର ରୋଜଗାର କରିଥାଏ।

**ଗ୍ରମ୍ପି କ୍ୟାଟ୍:** ଟାରଦର ସସ୍ ଏକ ବିଲେଇ, ଯିଏକି ଗ୍ରମ୍ପି କ୍ୟାଟ୍ ନାମରେ ବେଶ୍ ପରିଚିତ। ଏଇ ନାମଟି ବିଲେଇଟି ତା'ର ରାଗି ମୁହଁ ପାଇଁ ପାଇଛି। ଗ୍ରମ୍ପି କ୍ୟାଟ୍ ତା'ର ଏଇ ଲୁକ୍ ପାଇଁ ଇଣ୍ଟରନେଟ୍‌ରେ ବହୁତ ପ୍ରସିଦ୍ଧି ପାଇଛି। ଆମେରିକାରେ ସେ ସେଲିବ୍ରିଟି କ୍ୟାଟ୍ ଭାବେ ପରିଚିତ। ୨୦୧୨ରେ ପ୍ରଥମେ ଏହାର ଫଟୋ ସୋସିଆଲ ମିଡିଆରେ ଅପଲୋଡ ହୋଇଥିଲା। ଏବେ ଫେସ୍‌ବୁକ୍‌ରେ ତା'ର ୮.୩ ମିଲିୟନ୍‌ରୁ ଉର୍ଦ୍ଧ୍ୱ ଲାଇକ୍, ଇନଷ୍ଟାଗ୍ରାମରେ ୨.୬ ମିଲିୟନରୁ ଉର୍ଦ୍ଧ୍ୱ ଫଲୋୟର୍, ଟୁଇଟର୍‌ରେ ୧.୫ ମିଲିୟନରୁ ଉର୍ଦ୍ଧ୍ୱ ଫଲୋୟର ଓ ୟୁଟ୍ୟୁବ୍‌ରେ ୨୮୩୦୦୦ରୁ ଉର୍ଦ୍ଧ୍ୱ ସବ୍‌ସ୍କ୍ରାଇବର୍ ଅଛନ୍ତି। ଫଳରେ ସେ ୯୯ ମିଲିୟନ ଡଲାର ସମ୍ପତିର ମାଲିକ ସାଜିଛି।



ଗ୍ରମ୍ପି କ୍ୟାଟ୍



ନାଲା କ୍ୟାଟ୍



ଗିଗୁ

**ଓଲିଭିଆ ବେନସନ୍:** ୨୦୧୪ରେ ଆମେରିକୀୟ ସିଙ୍ଗର ଟେଲର୍ ସ୍ୱିଫ୍ଟ ଏକ ବିଲେଇ ପେଟ୍‌ଭାବେ ଆଣିଥିଲେ, ଯାହାର ନାଁ ସେ ଓଲିଭିଆ ବେନ୍‌ସନ୍ ଦେଇଥିଲେ। ଟେଲର୍ ସ୍ୱିଫ୍ଟ ଓଲିଭିଆକୁ ଏତେ ଭଲ ପାଆନ୍ତି ଯେ, ସେ କରିଥିବା ଏକ ଡାଏଟ୍ କୋକ୍ ବିଜ୍ଞାପନରେ ପେଟ୍ ଓଲିଭିଆକୁ ବି ସାମିଲ କରିଥିଲେ। ଖାଲି ସେତିକି ନୁହେଁ କେଡ୍‌ସ ସୁଜ୍ ପରି ଅନେକ କମର୍‌ସିଆଲ୍ ଓ ଟେଲର ସ୍ୱିଫ୍ଟଙ୍କ ମ୍ୟୁଜିକ ଭିଡିଓ 'ବ୍ଲାଙ୍କ ସ୍ପେସ୍'ରେ ବି ଓଲିଭିଆ ଅଭିନୟ କରିଛି। ଏହି ସ୍କଟିସ୍ ଫୋଲ୍ଡ ବିଲେଇର ସମ୍ପତି ୯୭ ମିଲିୟନ ଡଲାର।




ଓଲିଭିଆ ବେନସନ୍

**ସ୍ୟାଡି, ସନି, ଲରେନ୍, ଲେୟଲା, ଲ୍ୟୁକ୍:** ପ୍ରସିଦ୍ଧ ଆମେରିକୀୟ ଟକ୍ ଶୋ' ହୋଷ୍ଟ ଓପ୍ରା ୱିନ ଫ୍ରେଙ୍କର ଅଛି ୫ଟି ପେଟ୍ ଡଗ୍। ସେ ଏହି କୁକୁରଗୁଡିକୁ ବହୁତ ଭଲ ପାଆନ୍ତି। ତେଣୁ ସେ ନିଜ ସମ୍ପତିରୁ ୩୦ ମିଲିୟନ୍ ଡଲାର ଏହି ୫ଟି ପେଟ୍ ଡଗ୍ ନାମରେ କରି ଦେଇଛନ୍ତି।

**ଗିଗୁ:** ଧନୀ ପେଟ୍ ତାଲିକାରେ ଏକ କୁକୁଡା ବି ଅଛି, ଯାହାର ନାଁ ଗିଗୁ। ଗିଗୁ ବ୍ରିଟିଶ ମଲ୍ଟି ମିଲିୟନେର ପବ୍ଲିଶର୍ ମାଇଲ୍ସ ବ୍ଲାକ୍‌ୱେଲଙ୍କର ପେଟ୍ ଥିଲା। ମୃତ୍ୟୁ ପୂର୍ବରୁ ମାଇଲ୍ସ ବ୍ଲାକୱେଲ ୧୫ ମିଲିୟନ ଡଲାର ଗିଗୁ ନାମରେ ଛାଡି ଯାଇଥିଲେ। ଫଳରେ ସେ ପାଲଟିଗଲା ଏକ ଧନୀ ପେଟ୍।

**କୋଞ୍ଚିତା:** ବେକରେ ଟିଫାନୀ ନେକ୍‌ଲେସ୍ ଓ କାଶ୍ମୀର୍ ସ୍ୱେଟର୍ ପିନ୍ଧି ରାଜକୀୟ ଠାଣିରେ ବସିଥିବା କୋଞ୍ଚିତା ହେଉଛି ଏକ ଚିହୁଆହୁଆ ପ୍ରଜାତିର କୁକୁର। ମିଆମିର ଏହି କୁକୁରକୁ 'କୁଇନ୍ ଅଫ୍ ମିଆମି' ବୋଲି କୁହାଯାଏ। ସୋସିଆଲାଇଟ୍ ଗେଲ୍ ପୋସନର୍ ହେଉଛନ୍ତି ତାର ମାଲିକ। ଗେଲ୍ ମୃତ୍ୟୁବରଣ କରିବା ପୂର୍ବରୁ ୮.୪ ମିଲିୟନ ଡଲାର କୋଞ୍ଚିତା ନାମରେ ଛାଡିଯାଇଛନ୍ତି। ଫଳରେ ସେ ଏବେ ଏକ ଅୟସଭରା ଜୀବନ ଅତିବାହିତ କରୁଛି।



ଗୁନ୍ଥର ୪



କୋଞ୍ଚିତା



ସ୍ୟାଡି, ସନି, ଲରେନ୍, ଲେୟଲା, ଲ୍ୟୁକ




## କଥା ଚାଟ୍

– ଓଁ ଅଭିଜ୍ଞାନ ସାହୁ

# ଗୁରୁଜ୍ଞାନ

ମଣିଷ ଜୀବନର ପ୍ରତି ସ୍ତରରେ ଗୁରୁଙ୍କ ଆବଶ୍ୟକତା ଅଛି । ଗୁରୁ ହିଁ ସାକ୍ଷାତ୍ ବ୍ରହ୍ମଃ ଓ ବ୍ରହ୍ମଃ ଆମ ଜୀବନରେ ଅନେକ ରୂପରେ ଆସନ୍ତି । ଜନ୍ମବେଳେ ପିତା ମାତାଙ୍କ ରୂପରେ ତ ବାର୍ଦ୍ଧକ୍ୟରେ ଆଧ୍ୟାତ୍ମିକ ଗୁରୁ ରୂପରେ। କେତେବେଳେ ଶିକ୍ଷକ ତ କେତେବେଳେ ବନ୍ଧୁ ରୂପରେ ଆସନ୍ତି। ବ୍ରହ୍ମ ପୁରାଣରେ ଚାରି ପ୍ରକାର ଗୁରୁଙ୍କ ବର୍ଣ୍ଣନା ଅଛି । ଅଗ୍ନି, ବ୍ରାହ୍ମଣ , ଅତିଥି ଓ ପତି। କିନ୍ତୁ ପ୍ରଚଳିତ ସମାଜରେ ପୁରାଣ ବର୍ଣ୍ଣିତ ଗୁରୁଙ୍କ ଶିକ୍ଷାର କିଛି ପ୍ରାସଙ୍ଗିକତା ଥିଲା ଭଳି ଲାଗେନି। ଏଇ ଯେମିତି ମନୁ ଆଉ ପାଦେ ଆଗେଇଯାଇ ମନୁସ୍ମୃତିରେ ଲେଖିଛନ୍ତି ଜଣେ ପତ୍ନୀର ପ୍ରଥମ ଓ ଏକମାତ୍ର ଗୁରୁ ହେଲେ ତାଙ୍କ ପତି । ପତ୍ନୀ କେବଳ ନିଜ ପତିଙ୍କଠାରୁ ଶିକ୍ଷାଲାଭ କରିବା ଉଚିତ । ହେଲେ ସତ୍ୟତା ହେଲା ଭିନ୍ନ । ଦାମ୍ପତ୍ୟ ଏପରି ଏକ ପାଠଶାଳା ଯେଉଁଠି ପତ୍ନୀ ନାମକ ଶିଷ୍ୟାଟି ପତି ରୂପକ ଗୁରୁଙ୍କୁ ଅନବରତ ଶିକ୍ଷାଦାନ କରୁଥା'ନ୍ତି । ଗୁରୁଙ୍କର ଅନବରତ ପରୀକ୍ଷା ନେଇ ପାସ୍ କି ଫେଲ୍‌ର ତୁରନ୍ତ ସାର୍ଟିଫିକେଟ ଦିଅନ୍ତି । ବିଚରା ଗୁରୁଜଣଙ୍କୁ କ୍ୱଚିତ ସଫଳତା ପ୍ରାପ୍ତ ହୁଏ । ବିଜ୍ଞାନ ଶିକ୍ଷକଙ୍କ ପାଖରେ ପ୍ରାକ୍ଟିକାଲ ପରୀକ୍ଷା ଦେଉଥିବା ଛାତ୍ରର ଅବସ୍ଥା ଯାହା ଏଠି ଶିଷ୍ୟାଙ୍କ ପାଖରେ ଗୁରୁଙ୍କ ଅବସ୍ଥା ସେଇୟା । ପରୀକ୍ଷାଫଳର ଭୟାବହତା ବିଷୟରେ ଅବଗତ ଥାଇ ଗୁରୁଜଣଙ୍କ ଜୀବନ ବ୍ୟାପୀ 'ଶିଷ୍ୟାଂ ଶରଣଂ ଗଚ୍ଛାମି' କରୁଥା'ନ୍ତି । ଆଜିକାଲି ଡିଜିଟାଲ ଗୁରୁଙ୍କ ଯୁଗ । ଫେସ୍‌ବୁକ ବିଦ୍ୟାଳୟଠାରୁ, ହ୍ୱାଟ୍ସଆପ୍ ଇନ୍‌ଷ୍ଟାଗ୍ରାମ, ଗୁଗଲ ଆଦି ସମସ୍ତ ବିଦ୍ୟାଳୟରେ ଚବିଶ ଘଣ୍ଟା ଅନବରତ ନିଃସ୍ୱାର୍ଥପର ସେବା ଯୋଗାଉଥିବା ଗୁରୁଙ୍କ ସଂଖ୍ୟା ଅଗଣତି। ଏ ସବୁ ବିଦ୍ୟାଳୟର ସବୁଠୁ ଭଲ ଗୁଣ ହେଲା ଭାଇଚାରାଭାବ। ଦେଢ଼ଶୁର ଭାଇବୋହୂ , ଶାଶୁ ଜୋଇଁ ଓଗେର ଜାତି କାତି ନୀତି ନିର୍ବିଶେଷରେ ସମସ୍ତେ ବନ୍ଧୁ, ସମଭାବାପନ୍ନ । ଯଦିଓ ଏଠି ସମସ୍ତେ ବନ୍ଧୁ କିନ୍ତୁ ଆଚରଣ ଗୁରୁଙ୍କ ଭଳି। ସେହି ବନ୍ଧୁରୂପୀ ଗୁରୁ ପ୍ରତିଦିନ ସ୍ୱାମୀ ବିବେକାନନ୍ଦ, ଅବଦୁଲ କାଲାମ ବୁଦ୍ଧ, ଚାଣକ୍ୟଙ୍କ ପରି ଅନେକ ମହାମନୀଷୀଙ୍କ ନୀତିବାଣୀ ଆପଣଙ୍କୁ ପଢ଼େଇବେ । ଅସଂଖ୍ୟ ପ୍ରବଚନ ଭିଡିଓର ଗନ୍ତାଘର ସେମାନେ । ସେଥିରୁ ପ୍ରତିଦିନ ଅନ୍ତତଃ ଦୁଇ ତିନୋଟି ଦୃଶ୍ୟଶ୍ରାବ୍ୟ ମାଧ୍ୟମ ଦେଇ ଆପଣଙ୍କ ପାଖରେ ପହଞ୍ଚିଯିବ । ଭଲ ମଣିଷ ହେବା ପାଇଁ ଗୀତାବାଣୀରୁ ଶ୍ଲୋକ, ସକାଳୁ ଜଗନ୍ନାଥଙ୍କ ଫଟୋ ଦେଖେଇ ଗୁଡ୍‌ମର୍ନିଂ ଭଜନ ଶୁଣେଇବାକୁ ଏହି ଗୁରୁମାନେ କେବେ ଭୁଲନ୍ତି ନାହିଁ । ତାଙ୍କ ଶିକ୍ଷାଦାନ ତରିକା ଦେଖିଲେ ଲାଗେ ଯେମିତି ପାପୀମାନଙ୍କୁ କୋଟି ଜନ୍ମ ପାପରୁ ମୁକ୍ତି ଦେବା ପାଇଁ ଏ ଗୁରୁଦାୟିତ୍ୱ ତାଙ୍କୁ ହ୍ୱାଟ୍ସଆପ୍ କି ଫେସ୍‌ବୁକ କମ୍ପାନୀ ଦେଇଛି । ସକାଳୁ ଉଠିଲେ ମନେହେବ ଯେମିତି ଏ ପୃଥିବୀଟା ଗୁରୁମୟ । ବହୁଲୋକରେ ମୂଷା ନ ମରିବା ଭଳି ଏତେ ଗୁରୁ ଥାଉ ଥାଉ ଦୁର୍ଭାଗ୍ୟକୁ କେହି ଜଣେ ବି ଶିଷ୍ୟ ଗୁରୁଙ୍କ କଥାକୁ ମାନନ୍ତି ନାହିଁ। ମାନୁ ଥିଲେ ଆଜି କାହିଁ କେତେ ମୁନି ଋଷି ଆମ ଦେଶରେ ଭରି ଯାଆନ୍ତେଣି । ପିଲାଦିନେ ଏକ ପୁରାଣ ବହିରେ ପଢ଼ିଥିଲି। ବାର୍ଦ୍ଧକ୍ୟ ଯୋଗୁ ଏବେ ସେ ଲେଖକଙ୍କ ନାଁ ମନେପଡୁନି । ଥରେ ସ୍ୱର୍ଗରେ ମିଟିଂ ବସିଥିଲା । ତେତିଶ କୋଟି ଦେବଦେବୀ ଯୋଗଦେଇଥିଲେ । ପ୍ରଭୁ କହିଲେ, ମର୍ତ୍ତ୍ୟରେ ଏବେ କଳିଯୁଗ ଚାଲିଛି । ଭଲ ଲୋକଙ୍କ ସଂଖ୍ୟା ଦିନକୁ ଦିନ କମିବା ହେତୁ ନର୍କରେ



ଲୋକ ହାଉଯାଉ । ପାଦ ରଖିବାକୁ ଜାଗା ନାହିଁ । ଆମର ଏଠି ଖାଁ ଖାଁ ନିର୍ଜନତା । କେଉଁ ଅକାଳେ ସକାଳେ ଜଣେ ଅଧେ ଆସୁଛନ୍ତି କି ନାହିଁ । ମେନକା, ଉର୍ବଶୀ କହିଲେଣି ପ୍ରତିଦିନ ସେଇ ପୁରୁଣା ଲୋକମାନଙ୍କ ଆଗରେ ନାଚି ନାଚି ସେମାନେ ବୋର୍ ହୋଇଗଲେଣି । ଧମକ ଦେଲେଣି ଯଦି ଏପରି ଅବସ୍ଥା ରହେ ତେବେ ସେମାନେ ନର୍କକୁ ଚାଲିଯିବେ। ମର୍ତ୍ତ୍ୟର କିଛି ରସିକ ସେଠ୍ ମେନକା, ଉର୍ବଶୀଙ୍କ ସାନ୍ନିଧ୍ୟ ପାଇବା ପାଇଁ ମୁଁହମାଙ୍ଗେ ଦାମ୍ ଦେବାକୁ ରାଜି । ସ୍ୱର୍ଗର ଫୁଲ ବଗିଚା ଓ ଆରାମ ଦାୟକ ପ୍ରାସାଦରେ ବୁଲିବାକୁ କି ରହିବାକୁ ଲୋକ ନାହାନ୍ତି । ଏମିତି ଚାଲିଲେ ଅତିଶୀଘ୍ର ସ୍ୱର୍ଗପୁରୀକୁ ବନ୍ଦ କରିଦେବାକୁ ପଡ଼ିବ। ବହୁ ବିଚାର ବିମର୍ଶ ପରେ ପ୍ରଭୁ ଯମଙ୍କୁ ନିର୍ଦ୍ଦେଶ ଦେଲେ ଏଣିକି ମର୍ତ୍ତ୍ୟର ସବୁ ଭଲ ଲୋକମାନଙ୍କ ଆୟୁଷ କମେଇଦିଅ। ଖୋଜି ଖୋଜି ଭଲ ଲୋକଙ୍କୁ ଶୀଘ୍ର ସ୍ୱର୍ଗକୁ ନେଇଆସ। କିଛିଦିନ ପରେ ଦେଖାଗଲା ଯଥା ପୂର୍ବଂ ତଥା ପର । ଯମଙ୍କୁ ପଚରାଗଲାରୁ ଉତ୍ତର ମିଳିଲା ମର୍ତ୍ତ୍ୟରେ ଲୋକମାନଙ୍କ ଭିତରେ ସ୍ୱର୍ଗ ବିଷୟରେ ଧାରଣା ଭଲ ନାହିଁ। ସେଥିପାଇଁ ସେମାନେ ଭଲ ହେବାକୁ ଚାହୁଁନାହାନ୍ତି । ମୋର ଗୋଟେ ପ୍ରସ୍ତାବ ଅଛି । ଆଜିକାଲି ହେଲା ମାର୍କେଟିଂର ଯୁଗ । ଆମକୁ ମର୍ତ୍ତ୍ୟରେ କିଛି ମାର୍କେଟିଂ ଏଜେଣ୍ଟ ରଖିବାକୁ ପଡ଼ିବ। ସେମାନେ ଲୋକମାନଙ୍କୁ ସ୍ୱର୍ଗ ବିଷୟରେ ଭଲ କଥା କହି ଆକୃଷ୍ଟ କରିବେ। ନର୍କ ବିଷୟରେ ଗୁଜବ ସୃଷ୍ଟି କରି ସେଥିପ୍ରତି ଭୟ ସୃଷ୍ଟି କରିବେ। ମର୍ତ୍ତ୍ୟରୁ ନନ୍‌ଷ୍ଟପ୍ ବିମାନ ଯାତ୍ରା ପାଇଁ ଶୀତଳ ପବନ ପ୍ରବାହିତ ସମୁଦ୍ର କୂଳରେ ଏକ ବିମାନ ବନ୍ଦର ନିର୍ମାଣ କରାଯିବ। ଏହାକୁ ସ୍ୱର୍ଗଦ୍ୱାର ନାମରେ ନାମିତ କରାଯିବ। ଆମ ମାର୍କେଟିଂ ଏଜେଣ୍ଟମାନଙ୍କଠାରୁ ଭିଜା ପାସ୍‌ପୋର୍ଟ ପାଇଲା ପରେ ଲୋକମାନେ ସ୍ୱର୍ଗଦ୍ୱାରରୁ ହାଇସ୍ପିଡ୍ ନନ୍‌ଷ୍ଟପ ଇଣ୍ଟରପୁରୀ ଏକ୍ସପ୍ରେସ୍‌ରେ ମର୍ତ୍ତ୍ୟପୁରରୁ ସ୍ୱର୍ଗପୁରକୁ ଯାତ୍ରା କରିବେ । ଏହି ମାର୍କେଟିଂ ଏଜେଣ୍ଟମାନଙ୍କୁ ଆଧ୍ୟାତ୍ମିକ ଗୁରୁର ମାନ୍ୟତା ଦେବା ସହ ସେମାନଙ୍କ ଚଳଣି ପାଇଁ ତାଙ୍କୁ ଆପଣଙ୍କ ଲୋଗୋ ଦେଖେଇ କରମୁକ୍ତ ଦାନ ଗ୍ରହଣ କରିବାକୁ ଅନୁମତି ପ୍ରଦାନ କରାଯାଉ। ପ୍ରଭୁ କହିଲେ, ଯଦି ଭାବୁଛ ଏ ପ୍ରସ୍ତାବ ଭଲ ମାର୍କେଟ ଟାଣିବ ତେବେ ଶୀଘ୍ର ମର୍ତ୍ତ୍ୟରେ ଆମର ମାର୍କେଟିଂ ଏଜେଣ୍ଟ ନିଯୁକ୍ତି କର। ଶୁଭସ୍ୟ ଶୀଘ୍ରମ୍। ଏହି ଗୁରୁମାନଙ୍କୁ କୁହ ଗୁରୁଦିବସରୁ ଏ ଗୁରୁତ୍ୱପୂର୍ଣ୍ଣ କାମରେ ଲାଗିପଡ଼ନ୍ତୁ। ଆଚ୍ଛା ମୋ ମନରେ ଆଉ ଗୋଟେ ଆଇଡିଆ ଆସୁଛି। ଶୁଣିଛି କାଳେ ମର୍ତ୍ତ୍ୟରେ ସାଧାରଣ ଡ୍ରେନ୍ ସଫାର ବୈଷୟିକ ଜ୍ଞାନ ପାଇଁ ବଡ଼ମୁଣ୍ଡିଆ ଲୋକମାନେ ବିଦେଶ ଭ୍ରମଣ କରୁଛନ୍ତି। ଆମ ଏଜେଣ୍ଟ ଗୁରୁମାନଙ୍କୁ ଡାକ ସେମାନେ ପ୍ରଚାର କରିବା ପୂର୍ବରୁ ସ୍ୱର୍ଗ ଆସି ଥରେ ପ୍ରତ୍ୟକ୍ଷ ଜ୍ଞାନ ନିଅନ୍ତୁ। ଯମ ମୁଣ୍ଡ କୁଣ୍ଡେଇ କହିଲେ, ଆଜ୍ଞା ମୁଁ ଏକଥା ଆଗରୁ ଭାବି ସେମାନଙ୍କୁ ପଚାରିଥିଲି । କିନ୍ତୁ ସେମାନେ କହିଲେ ଆମକୁ ଏବେ ମରିବାର ନାହିଁ କି ସ୍ୱର୍ଗ ଦେଖିବାର ନାହିଁ । ସ୍ୱର୍ଗକୁ ଥରେ ଗଲେ ଫେରିବା ଗ୍ୟାରେଣ୍ଟି ବି ନାହିଁ । ବରଂ ତୁମ ପ୍ରଭୁଙ୍କୁ କହିଦିଅ ଆମକୁ ଭଲ କମିଶନ ଦେଲେ ଆମେ ସ୍ୱର୍ଗର ଏମିତି କୋଣ ଏଠି ଲୋକଙ୍କୁ ଦେଖେଇବୁ ଯେ ଖୋଦ ତୁମ ପ୍ରଭୁ ସ୍ୱର୍ଗର ସେତିକି ଅନୁକୋଣ ଦେଖି ନ ଥିବେ । ଆମେ ହେଲୁ ଗୁରୁ । ଶିଷ୍ୟମାନଙ୍କୁ କେମିତି ବୁଝେଇବାକୁ ହୁଏ ଆମକୁ ଜଣା । ପ୍ରଭୁ କହିଲେ, ତେବେ ଠିକ୍ ଅଛି ମୁଁ ଆଶୀର୍ବାଦ କରୁଛି ଏ ଗୁରୁମାନେ ସର୍ବତ୍ର ପୂଜା ପାଇବା ସହ ଏମାନଙ୍କ ଧନ ଜନ ଗୋପ ଲକ୍ଷ୍ମୀ କେଉଁଥିରେ ଅଭାବ ରହିବ ନାହିଁ । ସେବେଠାରୁ ଏଭଳି ଭଗବାନଙ୍କ ଏଜେଣ୍ଟ ରୂପୀ ଗୁରୁମାନଙ୍କ ପାଖରେ ଧନ ଜନ ଓ ନାରୀ ଆଦିଙ୍କ ଅଭାବ ରହିନି । ସେ ଗୁରୁମାନେ ଠିକ୍ ଜାଣନ୍ତି ଏଯାବତ କେହି ଶିଷ୍ୟ ମଲା ପରେ ସ୍ୱର୍ଗର ଭଲ ମନ୍ଦର ପ୍ରାମାଣିକ ତଥ୍ୟ ଦେବାକୁ ମର୍ତ୍ତ୍ୟକୁ ଫେରିନି। ତେଣୁ ସେମାନେ ନର୍କର ଭୟ ଦେଖେଇ ସ୍ୱର୍ଗପ୍ରାପ୍ତି ଆଳରେ ଶିଷ୍ୟମାନଙ୍କଠାରୁ ବେଶ୍ ମୋଟା କମିଶନ ଆଦାୟ କରନ୍ତି । ଏସବୁ ଗୁରୁମାନଙ୍କଠାରୁ ଆଉ ଜଣେ ବଡ଼ ଗୁରୁ ଅଛନ୍ତି । ତାଙ୍କର ନିଆରା ଶିକ୍ଷାଦାନ ପଦ୍ଧତିରେ ପୃଥିବୀର ସବୁ ଗୁରୁ ପ୍ରଭାବିତ। ତାଙ୍କୁ ଗୁରୁମାନଙ୍କ ଗୁରୁ କୁହାଯାଏ। ଜୀବନକୁ ଶାଣିତ, ବସ୍ତୁବାଦୀ, ଜୀବନ ଦର୍ଶନ ଓ ସମ୍ପର୍କକୁ ନିକଟରୁ ଜାଣିବାକୁ ହେଲେ ପ୍ରତ୍ୟେକ ମଣିଷ ତା' ଜୀବକାଳ ଭିତରେ ଅନ୍ତତଃ ଥରେ ଏପରି ଗୁରୁଙ୍କଠାରୁ ଶିକ୍ଷା ନେବାର ଅଛି । ଏପରି ଅତି ଜ୍ଞାନୀ ଗୁରୁମାନଙ୍କୁ ଗୁରୁଘଣ୍ଟାଳ ଭାବେ ଆମେମାନେ ଜାଣୁ । ଯେଉଁ ଶିଷ୍ୟଙ୍କ ପାଖରେ ଟିକେବି ଶିକ୍ଷା ନେବାର ସମ୍ଭାବନା ଥାଏ ତାଙ୍କ ପାଖକୁ ଏ ଗୁରୁମାନେ ଚୁମ୍ବକ ଭଳି ଆପେ ଟାଣି ହୋଇ ଆସନ୍ତି । ୟାଙ୍କ ଶିକ୍ଷାଦାନର ଶୈଳୀ ଏପରି ଯେ ଶିଷ୍ୟଜଣଙ୍କ ଥରକରେ ଜୀବନର ସବୁ ଦର୍ଶନ ବୁଝିଯାଏ । ଥରେ ଏପରି ଗୁରୁଙ୍କ ହାବୁଡ଼ରେ ପଡିଲେ ଶିଷ୍ୟଙ୍କୁ ତା'ର ଭୂତ ଭବିଷ୍ୟତ ସବୁ ଏକ ସଙ୍ଗେ ଦୃଶ୍ୟ ହୁଏ । ଏମାନଙ୍କ ଶିକ୍ଷାଦାନରେ ଏପରି ତୀବ୍ରତା ଥାଏ ଯେ ଖୋଦ ବୃହସ୍ପତି ହାବୁଡ଼େ ପଡ଼ିଲେ ଖସି ପଳେଇବା ମୁସ୍କିଲ । ଏମାନଙ୍କ ସଂସ୍ପର୍ଶରେ ଆସିଲେ ଶିଷ୍ୟ ଜଣଙ୍କ ଜୀବନବ୍ୟାପୀ ଅଖା ଧୋଉଥିବ ଗୁଣ ଗାଉଥିବ। ଏହା ମଧ୍ୟ ସତ୍ୟ ମଣିଷ ତା' ଜୀବ କାଳ ମଧ୍ୟରେ ଯେତିକି ଶିକ୍ଷା ଲାଭ କରି ନ ଥାଏ ଏପରି ଗୁରୁ ଘଣ୍ଟାଳଙ୍କଠାରୁ ଶିକ୍ଷା ଆରମ୍ଭ କରୁ କରୁ ଜୀବନରେ ଶିକ୍ଷାର ପୂର୍ଣ୍ଣତା ଆସିଯାଏ। ଶିଷ୍ୟ ଜଣଙ୍କ ଶିକ୍ଷାପ୍ରାପ୍ତି ପରେ କାନ ଧରି ଶପଥ ନିଏ ଏପରି ଗୁରୁଙ୍କ ସାନ୍ନିଧ୍ୟ ଆଗକୁ ନ ମିଳେ ଯେମିତି । କୁହାଯାଏ ଖୁସି ସମୟରେ ମଣିଷ ଅନ୍ଧ ଥାଏ। ତେଣୁ ମଣିଷ ଚିହ୍ନିବାକୁ ହେଲେ ଥରେ ଏପରି ଗୁରୁଙ୍କ ସଂସ୍ପର୍ଶରେ ଆସିବା ଉଚିତ । ତା'ହେଲେ ମଣିଷ ବାସ୍ତବବାଦୀ ହେବା ସହ ସମ୍ପର୍କର ମହତ୍ତ୍ୱ ବୁଝିପାରିବ। ଇଏ ସେହି ଗୁରୁ ଯିଏ ବ୍ରହ୍ମ ହୋଇ ଭଗବାନ ଦର୍ଶନ କରେଇଥାନ୍ତି। ଏପରି ଗୁରୁଘଣ୍ଟାଳଙ୍କଠାରୁ ଆର୍ଥିକ ଓ ମାନସିକ ଶିକ୍ଷା ପାଇଲା ପରେ ନାସ୍ତିକ ମଧ୍ୟ ଭଗବାନଙ୍କ ଶରଣ ପଶେ। ତେଣୁ ଅତି ଚତୁର, ଦୁର୍ଜନ, ଧୂର୍ତ୍ତ ତଥା ଅଚିରେ ଅନ୍ୟକୁ ଠକି ପାରୁଥିବା ଗୁରୁଘଣ୍ଟାଳମାନେ ହେଲେ ପୃଥିବୀର ଶ୍ରେଷ୍ଠ ଗୁରୁ, ଯିଏ ଶିଷ୍ୟମାନଙ୍କୁ ପରୋକ୍ଷରେ ଜୀବନ ଦର୍ଶନ ସହ ସାଧାରଣ ଚର୍ମ ଚକ୍ଷୁରେ ମଧ୍ୟ ଭଗବାନଙ୍କ ଦର୍ଶନ କରେଇ ଦେଇପାରନ୍ତି । ଓଁ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରୁଘଣ୍ଟାଳବେ ନମଃ ।

*–ବନମାଳୀ ଭବନ, ଖାନନଗର, କଟକ*

*ମୋ: ୯୪୩୭୦୧୦୮୫୮*

## ପୁସ୍ତକ ସମୀକ୍ଷା

### ଆମ୍ବ ଗଛର ଛାଇ

**ଡ.ବାସନ୍ତୀ ମହାନ୍ତି, ବିଦ୍ୟା ପବ୍ଲିଶିଙ୍ଗ, ଟରୋଣ୍ଟୋ, କାନାଡା**

**ମୂଲ୍ୟ–୧୮୦ଟଙ୍କା**

ଆମ୍ବ ଗଛର ଛାଇ ଡ.ବାସନ୍ତୀ ମହାନ୍ତିଙ୍କ ଗଳ୍ପ ସଂକଳନ। ଏଥିରେ ୧୮ଟି ଗପ ରହିଛି। ଗଳ୍ପ ସଂକଳନସ୍ଥ ପ୍ରତିଟି ଗଳ୍ପର କଥା ଓ ଚରିତ୍ର ସତ୍ୟ ଓ ତଥ୍ୟ ସମ୍ବଳିତ । ଯେଉଁ ଚରିତ୍ରଗୁଡିକ ଲେଖିକାଙ୍କୁ ଆନ୍ଦୋଳିତ କରିଛି ତାକୁ ସେ ନିଜର ଭାଷା ଆଉ ଭାବନାରେ ପ୍ରକାଶ କରିଛନ୍ତି। ପ୍ରଥମ ଗପରେ ସେ ନିଜ ବାଡି କଲମୀ ଆମ୍ବ ଗଛ ସହ ବିତେଇଥିବା ତିକ୍ତ ଓ ମଧୁର ସ୍ମୃତି ବର୍ଣ୍ଣନା କରିଛନ୍ତି । ଯାହା ପାଠକଲେ ନିଆରା ଲାଗିବ । ଜୀବନ ଯନ୍ତ୍ରଣା ଓ ସାମାଜିକ ସମସ୍ୟାର ମର୍ମସ୍ପର୍ଶୀ ପରିସ୍ଫୁଟନରେ ତାଙ୍କ ଗଳ୍ପମାନ ଯେପରି ଜୀବନ୍ତ ସେହିପରି ସୁଖପାଠ୍ୟ ମଧ୍ୟ । ମୋ କେଶବତୀ ବୋଉ ହେଉ କିମ୍ବା କିନ୍ନର କି ବାୟଣୀ ଝିଅ ସବୁଗୁଡିକ ନିଆରା ଲାଗେ। ପୁସ୍ତକଟି ପାଠକଙ୍କୁ ଛୁଇଁବ ବୋଲି ଆଶା କରାଯାଏ।




### ଭାଗ୍ୟହୀନା ଭାନୁମତୀ

**ଶ୍ରୀ ପ୍ରଫୁଲ୍ଲ କୁମାର ପାତ୍ର, ପ୍ରକାଶିକା–ପ୍ରଭାମୟୀ ପାତ୍ର**

**ହାତୀବାରି, ଯାଜପୁର, ମୂଲ୍ୟ–୨୫୦ଟଙ୍କା**

ପ୍ରଫୁଲ୍ଲ କୁମାର ପାତ୍ରଙ୍କ ଲିଖିତ ଭାଗ୍ୟହୀନା ଭାନୁମତୀ ପୁସ୍ତକରେ ପ୍ରତ୍ୟକ ପଦର ଆଦ୍ୟରେ 'ଭ'ଅକ୍ଷର ବ୍ୟବହାର କରି କାବ୍ୟଟିକୁ ସମ୍ପୂର୍ଣ୍ଣ କରିଛନ୍ତି। ମହାଭାରତରୁ ଭାନୁମତୀ ଚରିତ୍ରଟିକୁ ନିର୍ବାଚିତ କରି ତା ଉପରେ ନିଜର ଭାବ ସୁନ୍ଦର ଭାବରେ ପାଠକଙ୍କ ନିକଟରେ ଉପସ୍ଥାପନା କରିଛନ୍ତି କବି। କୌରବ ବଂଶର ଧ୍ୱଜାଧାରୀ ଦୁର୍ଯ୍ୟୋଧନଙ୍କର ପାଟରାଣୀ ଥାଇ ଭାନୁମତୀ ଜଣେ ଭାଗ୍ୟହୀନା ନାରୀ କିପରି ହୋଇପାରିଲେ ତାହା ତାଙ୍କ କାବ୍ୟ ଚାତୁରୀ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ସହିତ ସେ ତ୍ରେତୟା ଯୁଗର ରାମ, ସୀତା, ପର୍ଶୁରାମ ଓ ରାବଣ ଭଳି ଚରିତ୍ରକୁ ମଧ୍ୟ ତାଙ୍କ କାବ୍ୟରେ ସ୍ଥାନିତ କରିଛନ୍ତି। ତାଙ୍କର ରଚନା ଶୈଳୀ ବେଶ୍ ସୁନ୍ଦର ହୋଇପାରିଛି।




### ଏକାମ୍ରେ ବର୍ଣ୍ଣବିଭା

**ଡକ୍ଟର ଶଶାଙ୍କ ଶେଖର ସାମଲ**

**ଲିପିକା, ନିଜିଗଡକୁରୁଖି, ହରିରାଜପୁର**

**ଜଟଣୀ । ମୂଲ୍ୟ–୨୦୦ଟଙ୍କା**

ଏକାମ୍ରେ ବର୍ଣ୍ଣବିଭା ଡକ୍ଟର ଶଶାଙ୍କ ଶେଖର ସାମଲଙ୍କ କବିତା ପୁସ୍ତକ । ଏଥିରେ ଆଧୁନିକ ଯୁବତୀ ଯୁବକଙ୍କ ପ୍ରେମଜନିତ ସମସ୍ୟା, ଉଦ୍ଭଟତା ଓ ବସ୍ତୁବାଦିତା ଆଦିର ସମାଧାନ ପନ୍ଥା ବାହାର କରିବାକୁ କବି ଚେଷ୍ଟା କରିଛନ୍ତି। ଏଥିରେ ବସନ୍ତର ଆଗମନେ ଏକାମ୍ର କ୍ଷେତ୍ର ଭୁବନେଶ୍ୱରର ନୈସର୍ଗିକ ଏବଂ ପ୍ରାକୃତିକ ଶୋଭା ବର୍ଣ୍ଣନା କରାଯାଇଛି। ପ୍ରେମ ଆନ୍ତରିକତା ପରିବର୍ତ୍ତେ ବ୍ୟବସାୟିକ ଅଥବା ବସ୍ତୁବାଦିତା ଗ୍ରାସ କରି ଗଲାଣି। ପାରିବାରିକ ଓ ସାମାଜିକ ଜୀବନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ମଣିଷର ଅନ୍ତଃକରଣରେ ପ୍ରବାହିତ ପ୍ରେମାବେଗ ଉତ୍ସର ଫଲ୍‌ଗୁଧାରାକୁ ସନ୍ଧାନ କରିବା ପାଇଁ, ଶାଶ୍ୱତ ପ୍ରେମର ମୌଳିକ ସତ୍ତାର ବାସ୍ତବ ରହସ୍ୟକୁ ଅନୁଭବ କରିବା ଲାଗି ପୁସ୍ତକଟି ନିଶ୍ଚୟ ସହାୟକ ହେବ ବୋଲି ଆଶା।



ବ୍ୟାକ୍ ପେଜ୍









# ରତ୍ନ ନୁହେଁ ଚିତ୍ର

ଏଇ ରତ୍ନ ପଥରଗୁଡ଼ିକର ଔଜ୍ଜ୍ୱଲ୍ୟତା ଓ ଚମକ୍‌ରେ ଆଖି ଝଲସିଯାଉଥିବ। ତେଣୁ ଏସବୁ ପ୍ରତି ଆକର୍ଷିତ ହେବା ସ୍ୱାଭାବିକ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏହି ସବୁ ରତ୍ନପଥର ସତସତିକା ନୁହେଁ। ବରଂ ଜଣେ କଳାକାର ହାତର ଜାଦୁକରୀ। ଜାପାନର କଳାକାର ଏରିଆ ଏହି ରତ୍ନ ପଥରଗୁଡ଼ିକର ଚିତ୍ର କରିଛନ୍ତି। ସେପୁଣି କେବଳ କଲର୍ ପେନ୍‌ସିଲ ବ୍ୟବହାର କରି। ଆଉ ଏଥିରେ ସେ ଏତେ ବାସ୍ତବତା ଭରିଛନ୍ତି ଯେ, ଲାଗେ ସତେ ଯେମିତି ରତ୍ନ ପଥରଗୁଡ଼ିକୁ କୌଣସି ସ୍ଥାନରେ ରଖାଯାଇଛି। ଏରିଆ କୁହନ୍ତି, 'ରତ୍ନ ପଥର ଆଙ୍କିବା ପାଇଁ ପ୍ରଥମେ ମୁଁ ସମାନ ଓସାରର ଲାଇନ୍ ବା ଗ୍ରିଡ ଲାଇନ୍ ଆଙ୍କିଥାଏ। ପରେ ରତ୍ନ ପଥରର ଧାରଗୁଡ଼ିକୁ ହାଲ୍‌କା ଭାବେ ଆଙ୍କେ। ପରେ ତା' ମଧ୍ୟରେ ଥ୍ରୀଡି ଇଫେକ୍ଟ ଦେଇ ରଙ୍ଗ ଭରିଥାଏ। ମତେ ଏହି ରତ୍ନ ପଥରର ଚିତ୍ର କରିବାକୁ ୧୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗେ। ଏଥିରେ ମୁଁ ୪୦ ପ୍ରକାରର କଲର୍ ପେନ୍‌ସିଲ ବ୍ୟବହାର କରିଥାଏ। ସଠିକ ଭିଜୁଆଲ ଇଫେକ୍ଟ ପାଇଁ ମୁଁ ପର୍ପଲ କଲର୍‌ର ୧୦ଟି ଶେଡ୍‌ର ପେନ୍‌ସିଲ ବ୍ୟବହାର କରେ।' ଏରିଆଙ୍କର ଏହି ଚିତ୍ର ଲୋକଙ୍କୁ ବହୁତ ପସନ୍ଦ ଆସିଛି। ଆଉ ସୋସିଆଲ ମିଡିଆରେ ଏହା ଭାଇରାଲ ହେବାରେ ଲାଗିଛି।

# ଜୋତା ଆର୍ଟ

ସୋସିଆଲ ମିଡିଆରେ ଏବେ ଏକ ଭିଡିଓକୁ ଲୋକେ ବେଶ୍ ପସନ୍ଦ କରୁଛନ୍ତି। ଯାହାକୁ ପ୍ରଥମ ନଜରରେ ଦେଖିଲେ ଲାଗିବ ତାହା ସୁଟ୍ ଓ ଟାଇ ପିନ୍ଧିଥିବା କୌଣସି ବ୍ୟକ୍ତିଙ୍କର ଏକ ବଡ଼ ପୋର୍ଟ୍ରେଟ୍। କିନ୍ତୁ ଯେତେବେଳେ କ୍ୟାମେରାର ଆଙ୍ଗେଲ ବଦଳୁଛି ଦେଖିବାକୁ ମିଳୁଛି ତାହା ଅନେକ ଜୋତାର ସମ୍ଭାର। ପ୍ୟାଟ୍ରିକ୍ ପ୍ରୋସ୍କୋ ନାମକ ଜଣେ ଆର୍ଟିଷ୍ଟ ତିଆରି କରିଛନ୍ତି ଉକ୍ତ ଆର୍ଟକୁ। ଏଥିରେ ସେ ନୂଆ ଜୋତା, ପୁରୁଣା ଜୋତା, ଜୋତାର ସୋଲ୍ ସହ ଜୋତାର ସବୁ ଲେୟରକୁ ବ୍ୟବହାର କରିଛନ୍ତି। ତା'ସହ ଧଳାରଙ୍ଗର ଜୋତା, କଳାରଙ୍ଗର ଜୋତା, ମାଟିଆ ଜୋତା ଓ ମେଟାଲିକ କଲର୍ ଜୋତା ବି ବ୍ୟବହାର କରିଛନ୍ତି। ଯେଉଁଠି ଯେଉଁ ରଙ୍ଗର ଜୋତା ଆବଶ୍ୟକ ଓ ଯେଉଁଠି ଜୋତାର ଯେଉଁ ଅଂଶ ଆବଶ୍ୟକ ତାକୁ ସେ ବେଶ୍ କୌଶଳକ୍ରମେ ସଜାଇ ରଖି ଏହି ଇଲ୍ୟୁଜନ୍ ଆର୍ଟିକୁ କରିଛନ୍ତି। ଯାହାକୁ ସିଧା ଦେଖିଲେ ବ୍ୟକ୍ତିଙ୍କ ପୋର୍ଟ୍ରେଟ୍ ପରି ଲାଗେ। ହେଲେ ସାଇଡ୍‌ରୁ ଦେଖିଲେ ଲାଗେ କିଛି ଜୋତା ଓ ଜୋତାର ଅଂଶଗୁଡ଼ିକୁ ଅନାବନାଭାବେ ରଖାଯାଇଛି। ପ୍ୟାଟ୍ରିକ୍ ପୂର୍ବରୁ ବି ଦୈନନ୍ଦିନ ବ୍ୟବହୃତ ଓ ଅଦରକାରୀ ଜିନିଷକୁ ବେଶ୍ ଚମତ୍କାରଭାବେ ସଜାଡି ରଖି ଅନେକ କଳାକୃତୀ ତିଆରି କରିଛନ୍ତି। ଆଉ ତାଙ୍କର ପ୍ରତ୍ୟେକଟି ଇଲ୍ୟୁଜନ୍ ଆର୍ଟ ବେଶ୍ ଚମତ୍କାର ଲାଗେ।



# ସଫେଇ କର୍ମଚାରୀଙ୍କ ଦରମା ବାର୍ଷିକ କୋଟିଏ

ସଫେଇ କାମକୁ ଅନେକେ ଛୋଟ କାମ ଭାବନ୍ତି। କିନ୍ତୁ ଅଷ୍ଟ୍ରେଲିଆରେ ସଫେଇ କର୍ମଚାରୀଙ୍କର ଏତେ ଚାହିଦା ଯେ, ସେମାନଙ୍କ ଦରମା ଭାରତୀୟ ଡାକ୍ତର, ଇଞ୍ଜିନିୟରଙ୍କଠାରୁ ବି ଅଧିକ। ଆଉ ଏହାର କାରଣ ହେଉଛି ଏଠାରେ ଥିବା ସଫେଇ କର୍ମଚାରୀଙ୍କର ଅଭାବ। ତେଣୁ କମ୍ପାନୀଗୁଡ଼ିକ ସେମାନଙ୍କ ଦରମା ଘଣ୍ଟା ହିସାବରେ ବଢାଉଛନ୍ତି। ଫଳରେ ସେମାନଙ୍କ ଦରମା ବାର୍ଷିକ ୧ କୋଟି ପର୍ଯ୍ୟନ୍ତ ବଢିଗଲାଣି। ଅର୍ଥାତ୍ ଦରମା ଭାବେ ମାସିକ ପ୍ରାୟ ୮ ଲକ୍ଷ ଟଙ୍କା ସଫେଇ କର୍ମଚାରୀଙ୍କୁ ମିଳୁଛି। ତେବେ ଆଶ୍ଚର୍ଯ୍ୟର କଥା ଏତେ ଦରମା ଦିଆଯାଉଥିବା ସତ୍ତ୍ୱେ ଏଠାରେ ସଫେଇକର୍ମଚାରୀଙ୍କ ଅଭାବ ରହିଛି। ଏଠାରେ ସଫେଇ କର୍ମଚାରୀଙ୍କୁ ବାର୍ଷିକ ଅତିକମ୍‌ରେ ୭୨-୮୦ ଲକ୍ଷରୁ ଆରମ୍ଭ କରି ୯୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ





ଦରମା ଦିଆଯାଉଛି। ଡେଲି ଟେଲିଗ୍ରାଫରେ ପ୍ରକାଶିତ ଏକ ଖବରରେ ସିଡ୍‌ନୀର କ୍ଲିନିଂ କମ୍ପାନୀ 'ଆବସୋଲ୍ୟୁଟ୍ ଡୋମେଷ୍ଟିକ୍'ର ମ୍ୟାନେଜିଂ ଡାଇରେକ୍ଟର ଜୋଏ ବେସ୍ କୁହନ୍ତି, 'ସଫେଇ କର୍ମଚାରୀଙ୍କ ବେତନ ବଢାଇ ଘଣ୍ଟା ପିଛା ୩୬୦୦ କରାଯାଇଛି। କିଛି କମ୍ପାନୀ ତ ବେତନ ବଢାଇ ଘଣ୍ଟାକୁ ୪୭୦୦ ଟଙ୍କାରୁ ବି ଊର୍ଦ୍ଧ୍ୱ କରାଇଛନ୍ତି। ଝରକା ଓ ନାଳ ସଫା କରିବା ପାଇଁ ବାର୍ଷିକ ୮୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ଦିଆଯାଉଛି।'